# ଶିଖର-୧

## (ଘରେ ରହି ଶିଖିବା)

### ପ୍ରଥମ ଶ୍ରେଣୀ



ମୋର ନାମ : ____________________

ମୋ ବିଦ୍ୟାଳୟ ନାମ : ____________________


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଓଡ଼ିଶା, ଭୁବନେଶ୍ୱର

Language and Learning foundation

# ଶିଖର - ୧
# (ଘରେ ରହି ଶିଖିବା)

ପ୍ରାରମ୍ଭିକ ଭାଷା ଶିକ୍ଷଣ କାର୍ଯ୍ୟକ୍ରମରେ 'ଶିଖର - ୧, ଘରେ ରହି ଶିଖିବା' ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୋପାନ ଅଟେ। ଭାଷା ଶିକ୍ଷଣ ଏକ ସ୍ୱଭାବିକ ପ୍ରକ୍ରିୟା ଅଟେ। ପ୍ରତ୍ୟେକ ପିଲା ପ୍ରତି ମୁହୂର୍ତ୍ତରେ ତା'ର ପରିବେଶରୁ କିଛି ନା କିଛି ଶିଖୁଥାଏ। ପିଲାମାନଙ୍କର ଶିଖିବାର ପ୍ରକ୍ରିୟା ସାଧାରଣତଃ ତା'ର ପରିବାରରୁ ଆରମ୍ଭ ହୋଇଥାଏ। ଜ୍ଞାନ ଆହରଣ ପାଇଁ ଆଗ୍ରହ, ସୃଜନଶୀଳତା, ଆବେଗକୁ ବୁଝିବା, ଭାବ ପ୍ରକାଶକୁ ନିୟନ୍ତ୍ରଣ କରିବାର ଦକ୍ଷତା ଆବଶ୍ୟକ ପିଲାଟି ଭାଷା ମାଧ୍ୟମରେ ନିଜର ପରିବାର, ପଡ଼ୋଶୀ, ସାହି ତଥା ଗୋଷ୍ଠୀ ସହ ଅନ୍ତଃକ୍ରିୟା କରି ଶିଖିଥାଏ।

ଅଧୁନା କୋଭିଡ଼ - ୧୯ର ବିଷମ ପରିସ୍ଥିତି ହେତୁ ବିଦ୍ୟାଳୟ ଖୋଲିବା ଓ ଶିକ୍ଷଣ ପ୍ରକ୍ରିୟା ଜାରି ରଖିବାରେ ପ୍ରାୟତଃ ବିଳମ୍ବ ହୋଇ ଚାଲିଛି। ତେଣୁ ପିଲାମାନଙ୍କର ଶିଖିବାର ସୁଯୋଗକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖି ଉପଯୁକ୍ତ ସମ୍ବଳ ସମ୍ବଳିତ 'ଶିଖର' କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହା ପ୍ରାଥମିକ ବିଦ୍ୟାଳୟରେ ନୂଆ କରି ନାମଲେଖାଇଥିବା କରୁଥିବା ପ୍ରଥମ ଶ୍ରେଣୀ ପିଲାମାନଙ୍କ ନିମନ୍ତେ ଏକ ପ୍ରସ୍ତୁତି କାର୍ଯ୍ୟ । ଏଥିରେ ପିଲାମାନଙ୍କ ଘରର ଭାଷା ଓ ଅନୁଭୂତିକୁ ଆଧାର କରି ମୌଖିକ ଭାଷାର ବିକାଶ ସହିତ ପଠନ ଓ ଲିଖନକୁ ଗୁରୁତ୍ୱ ଦିଆଯାଇଛି।

ଜାତୀୟ ଶିକ୍ଷା ନୀତି - ୨୦୨୦ରେ ପିଲାମାନଙ୍କ ପଠନ, ଲିଖନ ଓ ଗଣନର ମୂଳଦୁଆକୁ ବିକାଶ କରାଇବାକୁ ଏକ ରାଷ୍ଟ୍ରୀୟ ମିଶନ ରୂପେ ଗ୍ରହଣ କରାଯାଇଛି। ଶିକ୍ଷଣ ଏକ ସାମାଜିକ ପ୍ରକ୍ରିୟା। ତେଣୁ ପିଲାମାନଙ୍କର ଶିକ୍ଷଣ ମୂଳଦୁଆକୁ ପ୍ରାସଙ୍ଗିକ ତଥା ଅର୍ଥପୂର୍ଣ୍ଣ କରିବା ପାଇଁ ନିଜ ପରିବାରର ଗୁରୁଜନମାନଙ୍କ ସହାୟତାରେ ଭାଷା ଜ୍ଞାନର ବିକାଶ କରିବା ଉପରେ 'ଶିଖର'ରେ ଗୁରୁତ୍ୱ ଦିଆଯାଇଛି।

**'ଶିଖର' ର ମୁଖ୍ୟ ଉଦ୍ଦେଶ୍ୟ :**

- ଗୀତ, ଗଳ୍ପ ଓ ସାଧାରଣ ନିର୍ଦ୍ଦେଶକୁ ଶୁଣି କରି ବୁଝିବେ।
- ପରିଚିତ ଦୃଶ୍ୟ / ଚିତ୍ରକୁ ଶବ୍ଦ ଓ ବାକ୍ୟରେ ପ୍ରକାଶ କରିବେ।
- ବିଭିନ୍ନ ପରିସ୍ଥିତିରେ ନିଜ ଭାବ ପ୍ରକାଶ କରିବେ।
- ଚିନ୍ତା ଓ ସୃଜନଶକ୍ତିର ବିକାଶ କରିବା ପାଇଁ ସୁଯୋଗ ସୃଷ୍ଟିକରିବେ।
- ନିଜ ପରିବେଶରେ ଥିବା ବିଭିନ୍ନ ବସ୍ତୁ, ବ୍ୟକ୍ତି, କାର୍ଯ୍ୟ ଆଦି ବିଷୟରେ ଜାଣିବେ।
- ଚିତ୍ର ବିଶିଷ୍ଟ ସମ୍ବଳକୁ ଦେଖି ବୁଝିବା ଓ ଚର୍ଚ୍ଚା କରିବେ।
- ଚିତ୍ର, ଖେଳ, କାର୍ଯ୍ୟକଳାପ (ଗତିବିଧି) ଓ କଥୋପକଥନ ମାଧ୍ୟମରେ ଶିଖିବେ।
- ମୌଖିକ ଭାଷାର ବିକାଶ ସହିତ ପଠନ ଓ ଲିଖନର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟିକରିବେ।

ପିଲାମାନଙ୍କର ମାନସିକ ସ୍ତର, ଅଭିଜ୍ଞତା, ଅନୁଭୂତି ତଥା ପରିବାରର ଗୁରୁଜନମାନଙ୍କ ସହାୟତାରେ ପିଲାମାନେ ନିଜେ କରି ନିଜେ ଶିଖିବାକୁ ମୌଳିକ ଉପାଦାନ ରୂପେ ନେଇ ଶିଖର ପରିକଳ୍ପନା କରାଯାଇଛି। ଆଶା, ଏହା ପିଲାମାନଙ୍କ ଶିକ୍ଷଣ ନିମନ୍ତେ ଉପାଦେୟ ହେବ।

## ଶିକ୍ଷଣ କାର୍ଯ୍ୟକ୍ରମରେ ଭାଷା ଶିକ୍ଷଣ

ଭାଷା କେବଳ ଭାବର ଆଦାନପ୍ରଦାନ ନୁହେଁ, ଏହା ଜ୍ଞାନ ଲାଭ କରିବାର ଏକ ମାଧ୍ୟମ। ପିଲାମାନେ ବୁଝିବା ସହିତ, ପଢ଼ିବା ଓ ଲେଖିବା ଦକ୍ଷତା ହାସଲ କରିବା ଭାଷା ଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଭାଷା ବିକାଶ କହିଲେ- ଶ୍ରବଣ, କଥନ, ପଠନ ଓ ଲିଖନ ଭଳି ପରସ୍ପର ସମ୍ପର୍କିତ ଓ ପରିପୂରକ କୌଶଳଗୁଡ଼ିକ ହାସଲ କରିବାକୁ ବୁଝାଏ। ପିଲାର ପଢ଼ିବା ଓ ଲେଖିବା ଜନ୍ମରୁ ଆରମ୍ଭ ହୋଇଥାଏ ଏବଂ ଏହା ଭାବ ବିନିମୟର ଆବଶ୍ୟକତା ଉପରେ ଗଢ଼ି ଉଠି ଥାଏ। ପିଲାମାନେ ବିଭିନ୍ନ ଉପାୟରେ ଓ ଭିନ୍ନ ବେଗରେ ପଢ଼ି-ଲେଖି ଶିଖନ୍ତି।

ଭାଷାଗତ ବିକାଶ ପାଇଁ ପ୍ରାରମ୍ଭିକ ଶିକ୍ଷଣକାର୍ଯ୍ୟରେ ସମ୍ବାଦ ପଠନ, ଗଳ୍ପ କଥନ, ଶବ୍ଦ ଅକ୍ଷର ଧ୍ୱନି ଓ ସଙ୍କେତର ପରିଚୟ, ଚିତ୍ର ବର୍ଣ୍ଣନା ଓ ଅନ୍ୟ ମୌଖିକ ଖେଳ, କାର୍ଯ୍ୟ, ଆଲୋଚନା କରିବା, ଗୀତ ଗାଇବା, ଶୁଣିବା ଆଦି କରାଯାଇପାରିବ।

ଶିଶୁମାନେ ପ୍ରଥମେ ମୌଖିକ ଦକ୍ଷତା / କୌଶଳ ହାସଲ କରନ୍ତି। ଏହାପରେ ହିଁ ସେମାନେ ପଢ଼ିବା ଓ ଲେଖିବା ଶିଖିବା ଆରମ୍ଭ କରନ୍ତି। ଶ୍ରବଣ, କଥନ, ପଠନ, ଲିଖନ ଓ ଚିନ୍ତନ ଏକା ସଙ୍ଗରେ ଶିଖିବା ପାଇଁ ପିଲାମାନେ ସକ୍ଷମ। କୌଣସି ଅର୍ଥପୂର୍ଣ୍ଣ ପ୍ରସଙ୍ଗରେ ଭାଷା ବ୍ୟବହାର କରି ପିଲାମାନେ ଭାଷା ଶିଖନ୍ତି।

ଏଣୁ ଭାଷା ଆହରଣ କରାଯାଏ, ଶିଖାଯାଏ ନାହିଁ। ଭାଷା ଶିଖିବା ପାଇଁ ଏକ ନିରାପଦ ଓ ଅର୍ଥପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ପଠନ, ଲିଖନ, ବୋଧଗମ୍ୟତା, କଥନ ଆଦି ଭାଷାର ବିଭିନ୍ନ ଅଂଶ ଅଟେ। ଭାଷା ଆହରଣରେ ମୌଖିକ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ଶୁଣିବା ଓ କହିବା କୌଶଳକୁ ନିଜର ପରିବେଶରୁ ସ୍ୱାଭାବିକ ଭାବେ ଶିଖିଯାଆନ୍ତି। କିନ୍ତୁ ପଢ଼ିବା ଓ ଲେଖିବା  ଶିଖିବାର କାର୍ଯ୍ୟ ସ୍ୱାଭାବିକ ଭାବେ ହୁଏ ନାହିଁ। ଏହା ପାଇଁ ବ୍ୟବସ୍ଥାପିତ ପ୍ରଣାଳୀ ଆବଶ୍ୟକ। ପଠନ କୌଶଳ ସହିତ ଶବ୍ଦାବଳୀର ପରିଚୟ, ବାକ୍ୟ ବିନ୍ୟାସ ଏବଂ ଅର୍ଥ ନିର୍ମାଣର ବିଭିନ୍ନ ଉପାୟମାନ ପିଲାମାନେ ପଢ଼ି କରି ବୁଝିବା ଓ ଶିଖିବା ଆବଶ୍ୟକ। ଚିତ୍ର ଆଙ୍କି ଅଭିବ୍ୟକ୍ତି କରିବା ଓ ପ୍ରାକ୍ ଲିଖନରୁ ଲିଖନ ପ୍ରକ୍ରିୟାର ଆରମ୍ଭ ହୁଏ। ଏହା ପରେ ଛାପାଲେଖା ଅବଧାରଣା, ଧ୍ୱନିର ସଙ୍କେତ ଚିହ୍ନ, ଅକ୍ଷର, ଶବ୍ଦ ଚିହ୍ନିବାରୁ ଡିକୋଡିଂର ଆରମ୍ଭ ହୁଏ।

## ପ୍ରାରମ୍ଭିକ ପଠନର  ଆବଶ୍ୟକ ଅଂଶ:

- ଭାଷା ମାଧ୍ୟମରେ ଭାବ ପ୍ରକାଶ କରିବାର ସାମର୍ଥ୍ୟ
- ପରିବାର, ଗୋଷ୍ଠୀ ଓ ପରିବେଶ ସମ୍ବନ୍ଧୀୟ ଜ୍ଞାନ
- ଆବେଗ ଓ ଅନୁଭୂତିକୁ ବୁଝିବା, ପ୍ରକାଶ କରିବା, ନିୟନ୍ତ୍ରଣ କରିବା
- ଗୀତ, ଗପ, ନାଚ, ଖେଳ, ଅଭିନୟ ଓ କାର୍ଯ୍ୟ ମାଧ୍ୟମରେ ଶିଖିବା
- କୌଣସି ବିଷୟବସ୍ତୁ ସମ୍ବନ୍ଧରେ ପରିବେଶ ଓ ଘଟଣାବଳୀକୁ ପରୀକ୍ଷା କରି ଶିଖିବା ପାଇଁ ଯଥେଷ୍ଟ ସୁଯୋଗ ପାଇବା

## ଶିଖରରେ କରିବାକୁ ଥିବା ଶିକ୍ଷଣକାର୍ଯ୍ୟର ଉଦ୍ଦେଶ୍ୟ

- କଥୋପକଥନ- ବାର୍ତ୍ତାଳାପ ପ୍ରଣାଳୀ ଶିଖିବା ବହୁତ ଆବଶ୍ୟକ । ବୟସ୍କଙ୍କ ସହିତ କ୍ରିୟାକଳାପ ମାଧ୍ୟମରେ ମୌଖିକ ଭାଷାର ବିକାଶ ହୁଏ ।
- ଚିତ୍ର ପଠନ- ପିଲାମାନେ ଚିତ୍ର ଦେଖି, ସେ ବିଷୟରେ ସାମାନ୍ୟ ଚର୍ଚ୍ଚା, ଆଲୋଚନା କରବେ ଓ ବର୍ଣ୍ଣନା କରିବେ । ପିଲାଙ୍କୁ ମନଯୋଗ ସହିତ ଚିତ୍ର ଦେଖି ମୁକ୍ତ ଭାବରେ କହିବା ପାଇଁ ସୁଯୋଗ ଦିଆଯିବ । ଚିତ୍ର ବିଷୟରେ କିଛି କୌତୁକିଆ ପ୍ରଶ୍ନ ପଚରା ଯାଇପାରିବ । ପିଲା ଚିତ୍ର ସମ୍ପର୍କିତ ଚିତ୍ରାଙ୍କନ ମଧ୍ୟ କରିପାରିବେ ଓ ରଙ୍ଗ ଦେବେ ।
- ଛାପା ଅକ୍ଷରକୁ ପଢ଼ିବା, ଛାପା ଅକ୍ଷରକୁ ପଢ଼ି ବୁଝିବା, ଛାପାଲେଖା ଧ୍ୱନି ଚେତନା ଓ ଲିଖନର ପ୍ରସ୍ତୁତି ପ୍ରାରମ୍ଭିକ ପଠନର ଏକ ଅଂଶ । ପ୍ରିଣ୍ଟିଂ ବୁଝି କୌଣସି କଥା ବା ଘଟଣାକୁ ଲେଖି କରି ମଧ୍ୟ ପ୍ରକାଶ କରାଯାଇପାରିବ ।
- ଶ୍ରବଣ ଦକ୍ଷତା – ଗଳ୍ପକଥନ, ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ, କଥୋପକଥନ, ଗୀତ ଓ ଅଭିନୟ ସଂଗୀତ, ଶବ୍ଦ ଚିହ୍ନଟ ଓ ଧ୍ୱନି ଭେଦ କରିବା ।
- କଥନ ଦକ୍ଷତା – ଗଳ୍ପକଥନ, ମୁକ୍ତ ବାର୍ତ୍ତାଳାପ, ଅଭିନୟ, କଣ୍ଢେଇ ଖେଳ, ଛବି ପଠନ, ଖେଳ ଆଦି ଦ୍ୱାରା ।
- ଶବ୍ଦର ବୋଧଗମ୍ୟତା- ଛବି ପଠନ, ପ୍ରଶ୍ନୋତ୍ତର, ଗଳ୍ପ କଥନ, ଶବ୍ଦ ପଢ଼ିବା, ଚିହ୍ନିବା ଆଦି ଦ୍ୱାରା ।
- ପ୍ରାକ୍-ପଠନ- ଛବି ପଠନ, ଛାପା ଅକ୍ଷରକୁ ପଢ଼ି ବୁଝିବା, ଶବ୍ଦ ଚିତ୍ର ଯୋଡ଼ି ଚିହ୍ନିବା, ଶବ୍ଦକୁ ଚିତ୍ର ପରି ଚିହ୍ନିବା, ଅଭିନୟ ପଠନ ଆଦି ।
- ପ୍ରାକ୍-ଲିଖନ – ଚିତ୍ର କରିବା, ରଙ୍ଗ କରିବା, ଗାରେଇବା, ବିନ୍ଦୁ ଯୋଡ଼ିବା, ଦେଖି ଦେଖି ଲେଖିବା ଆଦି ଦ୍ୱାରା ।
- ଅଭିନୟ ପଠନ:

୨-୩ ଥର ଗଳ୍ପ କଥନ କରାଇ ଧାଡ଼ି, ଧାଡ଼ିରୁ ଶବ୍ଦ କୁହାଯିବ । ଗଳ୍ପକୁ ବଡ଼ କରି ଚାର୍ଟ, କଳାପଟା, ଚଟାଣ ଉପରେ ଲେଖି ଆଙ୍ଗୁଳି ରଖି ଶବ୍ଦକୁ ଦେଖାଇ ୨-୩ ଥର ଅଭିଭାବକ ପଠନ କରି ସାରିଲା ପରେ ପିଲାଙ୍କୁ ଶବ୍ଦ ଚିହ୍ନି ଅଭିନୟ ପଠନ କରିବାକୁ କୁହାଯାଇପାରିବ ।

- ପ୍ରାକ୍-ଗାଣିତିକ ପ୍ରତ୍ୟୟ ଧାରଣା ପାଇଁ ଶବ୍ଦ ଭଣ୍ଡାରର ଅଭିବୃଦ୍ଧି ।
- ବସ୍ତୁର ଚିତ୍ର ସହ ନାମ ମିଶାଇ ସମାଧାନ କରିବା ।
- ଧାରାବାହିକ ଚିନ୍ତନ ପାଇଁ ଫୁଲ, ପତ୍ର, କାଗଜଟୁକୁଡ଼ା ଯୋଡ଼ି- ଆକାର କରିବା, ଗପକୁ ଧାରାବାହିକ ଭାବେ କହିବା, ନିର୍ଦ୍ଦେଶ ମନେରଖି କାର୍ଯ୍ୟ କରିବା ।
- ପ୍ରକୃତି ପର୍ଯ୍ୟବେକ୍ଷଣ, ପୂର୍ବଜ୍ଞାନ, ସାଧାରଣ ଜ୍ଞାନରୁ ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ, ପଶୁ-ପକ୍ଷୀ, କୀଟପତଙ୍ଗ, ଗଛପତ୍ର, ପନିପରିବା,ଦିଗ, ଗାଁ ହାଟ-ବଜାର, ପରିବାର ଗୋଷ୍ଠୀ ସମ୍ବନ୍ଧୀୟ ଧାରଣା, ପର୍ବପର୍ବାଣି ପାଳନ, ଆଦିରୁ ପରିବେଶଗତ ପ୍ରତ୍ୟୟ ସମ୍ବନ୍ଧୀୟ ଧାରଣା ଜାଣିବା ।

• ଅଭିନୟ ଗୀତ:

ଗୀତଟିକୁ ଅଭିନୟ କରି ଅଭିଭାବକ ୩/୪ ଥର ଆବୃତ୍ତି କରିବେ। ପଦରୁ ଧାଡ଼ି, ଧାଡ଼ିରୁ ଅଧା- ଧାଡ଼ି, ଅଧା- ଧାଡ଼ିରୁ ଶବ୍ଦ (ସମତାନ ଶବ୍ଦ), ଶବ୍ଦରୁ ପ୍ରଥମ ଅକ୍ଷର, ଧ୍ୱନି ଚିହ୍ନଟ କରାଇବେ।

ଏନ୍.ସି.ଇ.ଆର.ଟିର ୮ ସପ୍ତାହ ପାଇଁ ଉଦ୍ଦିଷ୍ଟ ବିକଳ୍ପ ଶୈକ୍ଷିକ କ୍ୟାଲେଣ୍ଡର୍ (Alternative Academic Calender) ଆଧାର କରି ଅଭ୍ୟାସ ପୁସ୍ତିକା ତିଆରି ହୋଇଛି। ଏହି ଅଭ୍ୟାସ ପୁସ୍ତିକା ପ୍ରତ୍ୟେକ ପିଲାପାଇଁ ଉଦ୍ଦିଷ୍ଟ। କାର୍ଯ୍ୟଫର୍ଦ୍ଦରେ ଲେଖାଯାଇଥିବା ନିର୍ଦ୍ଦେଶ ଅଭିଭାବକ ଓ ଚିତ୍ରବିଶିଷ୍ଟ ସୂଚକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ। ନିର୍ଦ୍ଦେଶ ଅନୁସାରେ ଅଭିଭାବକ ପିଲାଙ୍କୁ ଅଭ୍ୟାସ ପୁସ୍ତିକାରେ କାର୍ଯ୍ୟ କରିବାକୁ କହିବେ। କାର୍ଯ୍ୟ କରିବା ପାଇଁ ପିଲାମାନେ ପେନ୍‌ସିଲ୍ ବ୍ୟବହାର କରିବେ। ଚିତ୍ରରେ ରଙ୍ଗ ଦେବା ପାଇଁ ରଙ୍ଗ ପେନ୍‌ସିଲ୍ ଅଥବା କ୍ରେୟନ ବ୍ୟବହାର କରିବେ।

## ପିଲାମାନଙ୍କ ନିମନ୍ତେ ଭାଷାଗତ ଦକ୍ଷତା

| | |
|---|---|
| ୧. ଶୁଣିକରି ବୁଝିବା | ୧. ଗୋଟିଏ ସରଳ ସୂଚନାକୁ ଅନୁସରଣ କରିବେ।<br>୨. ୨ ରୁ ୩ ଟି ସରଳ ସୂଚନା ଅନୁସରଣ କରିବେ। |
| ୨. ଗପ କହିବା, ବୁଝିବା | ୧. ଗୋଟିଏ ଛୋଟ ଓ ସରଳ ଗପର ମୁଖ୍ୟ ଅଂଶଗୁଡ଼ିକ କହିବେ।<br>୨. ଗପଟିକୁ ଧାରାବାହିକ ଭାବେ କହିବେ। |
| ୩. ଶବ୍ଦଭଣ୍ଡାର ଅଭିବୃଦ୍ଧି | ୧. ପରିଚିତ ବସ୍ତୁର ନାମ କହିବେ।<br>୨. ଅନେକ ଜିନିଷର ନାମ କହିପାରିବେ, ବ୍ୟବହାର କରିବେ। |
| ୪. ଅଭିବ୍ୟକ୍ତି / ଭାବ ପ୍ରକାଶ କରିବା | ୧. ନିଜର ଭାବନାକୁ ଶବ୍ଦ, ଖଣ୍ଡବାକ୍ୟ ଓ ସରଳ ବାକ୍ୟରେ ପ୍ରକାଶ କରିବେ।<br>୨. କୌଣସି ଭାବଧାରା / ଅନୁଭୂତିକୁ ପୂର୍ଣ୍ଣ ବାକ୍ୟରେ ପ୍ରକାଶ କରିବେ। |
| ୫. ଅଭିନୟ ଗୀତ / କବିତା | ୧. ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / ଅଭିନୟ ଗୀତ ଅଭିନୟ ମାଧ୍ୟମରେ ବୋଲିବେ।<br>୨. ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / କବିତା / ଅଭିନୟ ଗୀତ ନାଟକୀୟ ଭଙ୍ଗୀରେ ବୋଲିବେ। |

## ପ୍ରାକ୍ ପଠନ / ପଠନ ପ୍ରସ୍ତୁତି

କଥନ
- ପରିଚିତ ଛବିରେ ଥିବା ବସ୍ତୁକୁ ଚିହ୍ନିପାରିବେ ଓ ନାମ କହିବେ ।
- ଛବିରେ ଥିବା ବସ୍ତୁ ଓ ଚିତ୍ରକୁ ଛୋଟ ବାକ୍ୟରେ ବର୍ଣ୍ଣନା କରିବେ ।
- ଏକ ପ୍ରକାରର ଛବିଗୁଡ଼ିକୁ ମେଳ କରିବେ ।
- ଭିନ୍ନ ଭିନ୍ନ ଛବି ଓ ଆକାରଗୁଡ଼ିକୁ ବାଛି ପାରିବେ ଓ ଛବିରେ ଥିବା ନିର୍ଦ୍ଦିଷ୍ଟ ଆକାର ବାଛିବେ ।
- ଶବ୍ଦର ଧ୍ୱନି ଓ ବସ୍ତୁ ମଧ୍ୟରେ ପ୍ରଭେଦ ଜାଣିବେ ।
- ପ୍ରିଣ୍ଟିଂ ବୁଝିପାରିବେ, ଶବ୍ଦ ଚିହ୍ନିବେ ।

ପଠନ
- ଅଭିନୟ ପଠନ କରିବେ ।
- ନିଜେ ପରିଚିତ ଶବ୍ଦ, ଛୋଟ ବାକ୍ୟାଂଶ ପଢ଼ିବାକୁ ଚେଷ୍ଟା କରିବେ ।

ପ୍ରାକ୍-ଲିଖନ
- ମୁକ୍ତ ଭାବରେ ଗାରେଇ ପାରିବେ, ବିନ୍ଦୁ ଯୋଡ଼ିବେ ।
- ରଙ୍ଗ କରିବେ, ଆଙ୍କିବେ, ନାମ ଲେଖିବେ ।

ଲିଖନ
- ଦେଖି- ଦେଖି ନାମ ଲେଖିବେ ।
- ପରିଚିତ ଶବ୍ଦ ଲେଖିବେ ।
- ଅକ୍ଷର ସଙ୍କେତ ଲେଖିବେ ।

## ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାଷା ଶିକ୍ଷଣ:

ଶିକ୍ଷା ଶାସ୍ତ୍ରରେ ସମୟ ସମୟରେ ବିବିଧ ସିଦ୍ଧାନ୍ତ ଓ ପ୍ରୟୋଗ ମଧ୍ୟରେ ଏକ ସମ୍ପର୍କ ସ୍ଥାପନ କରି ନୂତନ ପ୍ରଣାଳୀରେ ଶିକ୍ଷାଦାନକୁ ସଶକ୍ତ କରିବା ଶିକ୍ଷାର ଲକ୍ଷ୍ୟ । ନୂତନ ପଦ୍ଧତିରେ ପିଲାଙ୍କ ବୌଦ୍ଧିକ କ୍ଷମତା ଓ ସହନଶୀଳତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା ଗବେଷଣାରେ ଭାଷା ଶିଖିବାର ନୂଆ କୌଶଳ (ନୀତି ୨୦୨୦ରେ ରାଷ୍ଟ୍ରୀୟ ଶିକ୍ଷା କୌଶଳ) ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିରେ ଭାଷା ଶିକ୍ଷଣର କୌଶଳ- ମୌଖିକ ଭାଷା ବିକାଶ, ଅର୍ଥପୂର୍ଣ୍ଣ ବୋଧଗମ୍ୟ ପଠନ, ଲିଖନ ଉପରେ ଗୁରୁତ୍ୱ ଦିଆଯାଇଛି । ମୌଖିକ ଭାଷା ବିକାଶର ଭିତ୍ତି ହିଁ ଭାଷା ଶିକ୍ଷଣ କୌଶଳର ମହତ୍ୱପୂର୍ଣ୍ଣ ଅଙ୍ଗ, ଯେଉଁଥିରେ କି ସମଗ୍ର ଶ୍ରେଣୀରେ କଥାବାର୍ତ୍ତା ବା ଶିକ୍ଷଣକାର୍ଯ୍ୟ ଜରିଆରେ ପଠନ ଓ ଲିଖନ କରାଯିବ । ଏଲ୍.ଏଲ୍. ଏଫ୍ (LLF) ଭାଷା ଶିକ୍ଷଣ ଏହି ସିଦ୍ଧାନ୍ତ ଉପରେ ନିର୍ଦ୍ଧାରିତ ।

# ଅଭିଭାବକଙ୍କ ପାଇଁ ସୂଚନା

'ଶିଖର' କାର୍ଯ୍ୟକ୍ରମରେ ବାପାମାଆ ତଥା ଘରର ଅନ୍ୟ ବୟୋଜ୍ୟେଷ୍ଠମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ତତ୍ତ୍ୱାବଧାନରେ ପିଲା ଘରେ ରହି ଶିଖିବେ।

- ସୋମବାର ଠାରୁ ଶନିବାର, ସବୁ ଦିନ ସକାଳ ୧୦.୦୦ - ୧୦.୪୫ ପର୍ଯ୍ୟନ୍ତ ପିଲାମାନେ ଭାଷାଗତ ଶିକ୍ଷଣକାର୍ଯ୍ୟ କରିବେ।
- 'ଶିଖର' ଅଭ୍ୟାସ ପୁସ୍ତିକାରେ ପିଲାଙ୍କ ପାଇଁ ପ୍ରତି ସପ୍ତାହରେ ପ୍ରସଙ୍ଗ ଅନୁଯାୟୀ ଅଭିନୟ ଗୀତ, ଗପ, ଶିକ୍ଷଣକାର୍ଯ୍ୟ, କଥୋପକଥନ ପାଇଁ ବିନ୍ଦୁ ଓ ୬ ଟି କାର୍ଯ୍ୟଫର୍ଦ୍ଦ ଦିଆଯାଇଛି।
- ଏହା ଛଡ଼ା ଅଧିକ ଅଭ୍ୟାସ ପାଇଁ ସୋମବାରରୁ ଶନିବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଘ: ରୁ ୮ଘ: ସମୟ ପର୍ଯ୍ୟନ୍ତ ଭାଷା ବିକାଶ (ଗପ, ଗୀତ, ଚିତ୍ର, ରଙ୍ଗ ଦେବା) ଓ ଲିଖନ ଅଭ୍ୟାସ ପାଇଁ ମଧ୍ୟ ସୁଯୋଗ ରହିଛି।
- ସକାଳୁ ୪୫ ମିନିଟ୍ ଭାଷା କାର୍ଯ୍ୟରେ ପିଲାମାନେ ବାପାମାଆ, ବଡ଼ ଭାଇଭଉଣୀ, ଉପର ଶ୍ରେଣୀରେ ପଢୁଥିବା ଭାଇଭଉଣୀ, ଗାଁରେ ଥିବା ଶିକ୍ଷିତ ଯୁବକଯୁବତୀମାନଙ୍କ ସହଯୋଗରେ ଗୀତ, ଗଳ୍ପ, ଶିକ୍ଷଣକାର୍ଯ୍ୟ, କଥୋପକଥନ ମାଧ୍ୟମରେ ମୌଖିକ ଭାଷା ବିକାଶ, ପ୍ରାରମ୍ଭିକ ପଠନ, ଶବ୍ଦର ଅର୍ଥ ନିର୍ମାଣ ପାଇଁ କିଛି କାର୍ଯ୍ୟ କରିବେ ଓ କାର୍ଯ୍ୟଫର୍ଦ୍ଦ ମାଧ୍ୟମରେ ଲିଖନ ଅଭ୍ୟାସ କରିବେ। ଅଧିକ ସୂଚନା ପାଇଁ ଶେଷ ପୃଷ୍ଠାରେ ଦିଆଯାଇଥିବା ଦୈନିକ ଯୋଜନା ଦେଖିବେ।
- ସନ୍ଧ୍ୟା ସମୟରେ ଗପ, ଗୀତ ଶୁଣି ଆନନ୍ଦ ନେବା ପାଇଁ ଓ କିଛି ଲିଖନ ଅଭ୍ୟାସ ପାଇଁ (ପ୍ରଥମ ଶ୍ରେଣୀ ପାଇଁ ପ୍ରାକ୍-ଲିଖନ, ଚିତ୍ରାଙ୍କନ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଅକ୍ଷର ଓ ବର୍ଣ୍ଣ ଅଭ୍ୟାସ) କାର୍ଯ୍ୟ ଦିଆଯାଇଛି। ପିଲାମାନେ ଅଜା, ଆଈ / ଜେଜେମାଆ, ଜେଜେବାପାଙ୍କ ସଙ୍ଗେ ଗୀତ ଗାଇ ଓ ଗପ ଶୁଣି ଖୁସି ହେବା ପାଇଁ ସୁଯୋଗ ଅଛି।
- ଅଧିକ ଅଭ୍ୟାସ ପାଇଁ ଦିଆଯାଇଥିବା ଗପ, ଗୀତର ଭିଡ଼ିଓ ଲିଙ୍କ୍ ସ୍ମାର୍ଟଫୋନ୍ ଥିବା ପିଲାଙ୍କୁ ଯୋଗାଇ ଦିଆଯିବ।
- ପ୍ରତ୍ୟେକ ଦିନର କାର୍ଯ୍ୟଫର୍ଦ୍ଦରେ ସ୍ୱାକ୍ଷର କରିବେ।
- କୌଣସି ସ୍ଥାନରେ କିଛି ଅସୁବିଧା ହେଲେ ଶିକ୍ଷକଙ୍କୁ ଫୋନ୍‌ରେ ଯୋଗାଯୋଗ କରି କିମ୍ବା ସେ ଘରକୁ ଆସିଥିବା ସମୟରେ ପଚାରି ବୁଝି ପାରିବେ। ହ୍ୱାଟ୍ସ ଆପ୍ ସୁବିଧା ଥିଲେ କିମ୍ବା ମେସେଜ୍ କରି ମଧ୍ୟ ଶିକ୍ଷକଙ୍କଠାରୁ ବୁଝି ପାରିବେ।
- ଅଭ୍ୟାସ ପୁସ୍ତିକାରେ କାର୍ଯ୍ୟ କରାଇବା ପୂର୍ବରୁ ବ୍ୟବହାର ପାଇଁ ଦିଆଯାଇଥିବା ସୂଚନା ଓ ସୂଚକକୁ ଦେଖିବେ।
- ଉକ୍ତ ପୁସ୍ତିକାକୁ ପିଲାମାନଙ୍କ ପାଖରେ ଉପସ୍ଥାପନା କଲାବେଳେ ଯଦି କୌଣସି ଅସୁବିଧା ହୁଏ ତେବେ ପିତାମାତା ସେମାନଙ୍କ ବିଦ୍ୟାଳୟରେଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସହଯୋଗ ନେଇପାରିବେ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ 'ଶିଖର' କାର୍ଯ୍ୟକ୍ରମ ବିଷୟରେ ଫୋନ୍ ବା ପ୍ରତ୍ୟକ୍ଷ ଭାବେ ଅଭିଭାବକଙ୍କୁ ସୂଚନା ଦେବେ ।
- ସାପ୍ତାହିକ ବିଷୟବସ୍ତୁ ସମ୍ପର୍କରେ ପିଲାମାନଙ୍କର ଧାରଣା ସ୍ପଷ୍ଟ କରିବେ ।
- ପିଲାଙ୍କ ସହ ଫୋନ୍‌ରେ ଯୋଗାଯୋଗ ସମୟରେ କାର୍ଯ୍ୟପୁସ୍ତିକାରେ ଥିବା ବିଭିନ୍ନ ଶିକ୍ଷଣକାର୍ଯ୍ୟ କରିବା ବିଷୟରେ ବୁଝାଇ କହିବେ ।
- କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଭିଭାବକଙ୍କୁ ପ୍ରତ୍ୟେକ କାର୍ଯ୍ୟ (ଅଭିନୟ, ଗୀତ ଆବୃତ୍ତି, ଗଳ୍ପକଥନ, ସାପ୍ତାହିକ ଗତିବିଧି ଓ କଥୋପକଥନ କରିବାର ପ୍ରସ୍ତାବିତ ଯୋଜନା ଓ କ୍ରମ) ବିଷୟରେ ବୁଝାଇ କହିବେ ।
- ପ୍ରତ୍ୟକ୍ଷ ବା ଫୋନ୍ ଯୋଗଯୋଗ ମାଧ୍ୟମରେ ପ୍ରତ୍ୟେକ ସପ୍ତାହ ପାଇଁ ନିର୍ଦ୍ଧାରିତ ବିଷୟବସ୍ତୁରେ ପିଲାମାନଙ୍କର ପ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷକ ନିର୍ଦ୍ଦେଶିକାରେ ଦିଆଯାଇଥିବା ବିନ୍ଦୁକୁ ନେଇ ଅନୌପଚାରିକ ଆକଳନ କରିବେ । ଆବଶ୍ୟକତା ଅନୁଯାୟୀ ସାହାଯ୍ୟ ପ୍ରଦାନ କରିବେ ।
- ପ୍ରତ୍ୟକ୍ଷ ବା ଫୋନ୍ ଯୋଗାଯୋଗ ଦ୍ୱାରା ଅଭିଭାବକଙ୍କର ସ୍ୱାକ୍ଷରକୁ ସୁନିଶ୍ଚିତ କରିବେ । ନିଜେ ସ୍ୱାକ୍ଷର କରିବେ ।
- ହ୍ୱାଟ୍ସ ଅପରେ ପ୍ରତି ସପ୍ତାହ ପଇଁ ନିର୍ଦ୍ଦିଷ୍ଟ କବିତା ଓ ଗପର ଭିଡ଼ିଓ ଲିଙ୍କ୍ ପିଲାଙ୍କୁ ପଠାଇବେ । (ସ୍ମାର୍ଟ ଫୋନ୍ ନଥିବା ପିଲାଙ୍କ ପାଇଁ ସାଧାରଣ ଫୋନ୍‌ରେ ଆଲୋଚନା କରା ଯାଇପାରିବ ।)
- ଏନ୍.ସି.ଇ.ଆର୍.ଟି ଦ୍ୱାରା ପ୍ରସ୍ତାବିତ blended learning (ମିଶ୍ରିତ ପ୍ରଣାଳୀ) ଅନୁସାରେ ଘରେ ରହି ଶିଖିବା କାର୍ଯ୍ୟକ୍ରମରେ ୧୬ଟି କବିତା ଓ ୧୬ଟି ଗପ 'ଶିଖର' ଅଭ୍ୟାସ ପୁସ୍ତିକାରେ ଦିଆଯାଇଛି । ହ୍ୱାଟ୍ସ ଆପ୍‌ରେ ଏହି ଗପ ଓ ଗୀତଗୁଡ଼ିକର ଭିଡ଼ିଓ ଲିଙ୍କ୍ ପଠାଯିବ । ଏହି କବିତା, ଗପଗୁଡ଼ିକ ସନ୍ଧ୍ୟା ସମୟର କାର୍ଯ୍ୟ । ଏହାକୁ ପିଲା ନିଜ ସୁବିଧା ଅନୁସାରେ ଖାଲି ସମୟରେ ବି କରିପାରିବେ । ଏହି କାର୍ଯ୍ୟର ଉଦ୍ଦେଶ୍ୟ, ଘରର ଗୁରୁଜନମାନଙ୍କ ସହିତ କିଛି ସମୟ ଅତିବାହିତ କରିବା, ଗପ ବା ଗୀତ ଶୁଣିବା, ଶିଖିବା, ଆଲୋଚନା କରିବା ଓ ଲିଖନ ଅଭ୍ୟାସ କରିବା ।

### ସୂଚକ

| | |
|---|---|
|  | ନିଜେ ଦେଖିବା, ପଢ଼ିବା, କହିବା ଆଉ ଲେଖିବା |
|  | ଅଜା, ଆଈ/ଜେଜେବାପା, ଜେଜେମାଆଙ୍କ ସାହାଯ୍ୟ ନେଇ ଶୁଣିବା ଆଉ କହିବା । |
|  | ବାପାମାଆଙ୍କ ସାହାଯ୍ୟ ନେଇ ପଢ଼ିବା, କହିବା ଆଉ ଲେଖିବା । |

# ଶିଖର - ୧
# ସାପ୍ତାହିକ କାର୍ଯ୍ୟକ୍ରମ

| ସପ୍ତାହ | ପ୍ରସଙ୍ଗ | ଅଭିନୟ ଗୀତ | ଗଳ୍ପକଥନ | ଶିକ୍ଷଣକାର୍ଯ୍ୟ | କଥୋପକଥନ | ଲିଖନ | ଅତିରିକ୍ତ ଗଳ୍ପ, ଗୀତ ଓ ଚିତ୍ରାଙ୍କନ | ଅଭ୍ୟାସ କାର୍ଯ୍ୟ |
|---|---|---|---|---|---|---|---|---|
| ୧. | ମୋ ଶରୀର ଓ ମୋ ପରିବାର | ଏଇତ ମୋର ମଥା | କିଏ ବଡ଼ ? | ପରିବାର | ମୋ ଶରୀର | କାର୍ଯ୍ୟପର୍ବ ୧-୬ | ଠେକୁଆ ଓ କଇଁଛ / ଟକା ଟକା ଭଉଁରୀ / ଚତୁର କାଉ / ଆ..ଆ..ରେ ବାଇଚଢ଼େଇ | ପ୍ରାକ୍ ଲିଖନ |
| ୨. | ଭଲ ଆଚରଣ | ସକାଳୁ ଉଠି | ଅଳସୁଆ ଦୁଃଖ ଭୋଗେ | ସମୟ କ'ଣ ପାଇଁ | ଭଲ କାମ, ଖରାପ କାମ | କାର୍ଯ୍ୟପର୍ବ ୧-୬ | ଅଜବ ଦେଶର ଗଜବ ହାତୀ / ସ୍କୁଲରେ ହାତୀ / ବିଲେଇ ଓ ବଣିଛୁଆ / ଧୋ...ରେ ବାଇଆ | ପ୍ରାକ୍ ଲିଖନ |
| ୩. | ଦିଗ ଓ ଋତୁ | କହିଲା ଦିନେ ବେଙ୍ଗୁଲିନାନୀ | ପଥୁରିଆ ବୁଦ୍ଧି ଶିଖିଲା | ଦିଗ | ବିଭିନ୍ନ ଋତୁ | କାର୍ଯ୍ୟପର୍ବ ୧-୬ | ବୋକା ବିଲେଇ / ଆ ଜହ୍ନମାମୁ / କୁତୁକ ମାଠିଆ / ଅକର ମକଲ ଟକର ଟିଆଁ | ପ୍ରାକ୍ ଲିଖନ |
| ୪. | ଆମ ପଶୁପକ୍ଷୀ | ଗାଈ ରହେ ଗୁହାଳରେ | ଗପୁଡ଼ି କଇଁଛ | ଠେକୁଆଭାଇ | ପଶୁପକ୍ଷୀ | କାର୍ଯ୍ୟପର୍ବ ୧-୬ | ମାଙ୍କଡ଼ ଓ କୁମ୍ଭୀର / ବାଇ ବଗବଗ ବାଉତି / ବୁଢ଼ା ଶାଗୁଣା / ଘୁମୁର୍ ଘୁମୁର୍ ଘୁମୁରା ପାରା | ପ୍ରାକ୍ ଲିଖନ |
| ୫. | ଆମକୁ ସାହାଯ୍ୟ କରୁଥିବା ଲୋକ | ମାଟିକାମ କର | କଲୁରୀବେଣ୍ଟ କଥା | ମୁଁ ବଡ଼ ହେଲେ ଡାକ୍ତର ହେବି | ବିଭିନ୍ନ କାମ | କାର୍ଯ୍ୟପର୍ବ ୧-୬ | ହରିଣ ଓ କାଉ / ଭାଲୁ ନାଚ କଲା ବଜାଇ / ଶୁଆ ଶାରୀ କଥା / ଆସ ଆସ ବଣି ଯୋଡ଼ିକ | ପ୍ରାକ୍ ଲିଖନ |
| ୬. | ସପ୍ତାହ ଓ ମାସ | ରବିବାରେ ମାଙ୍କଡ଼ ଏକ | ନାଲି ବର୍ଷାତି | ବାର / ଦିନ ଧାରଣା | ବାର / ଦିନ ଧାରଣା | କାର୍ଯ୍ୟପର୍ବ ୧-୬ | ବିଲେଇର ବିଭାଘର / ଟଡ଼େଇ ରାଣୀ / ବୋକା ବାଘ / ବେଲୁନବାଲା | ପ୍ରାକ୍ ଲିଖନ |
| ୭. | ସଂଖ୍ୟା ଓ ଟଙ୍କାପଇସା | ଏକ ଗଲା ଶିକାର କରି | କୋକିଳ ବାଳି ବୁଦ୍ଧି ଶିଖିଲା | ଏକ ପାଦ ଚାଲିବା | କିଣାବିକା ଓ ଟଙ୍କାପଇସା | କାର୍ଯ୍ୟପର୍ବ ୧-୬ | ମୂର୍ଖ ମୁଖିଆ / ଚୁଲକିମୂଷିରେ ଚୁକେଇମୂଷି / ଡରୁଆ ବାଘଛୁଆ / ଡାଳି ଡାଳିରେ | ପ୍ରାକ୍ ଲିଖନ |
| ୮. | ମେଳା ଓ ହାଟବଜାର | ତୋତାରେ ବସିଛି ହାଟ | ବୁନି ଓ ମୁନାର ଯାତ୍ରା ଦେଖା | ଆସିଲାରେ ଦେଖ ପରିବାବାଲା | ଗାଁ ଓ ସହରର ହାଟବଜାର | କାର୍ଯ୍ୟପର୍ବ ୧-୬ | ତୁନାଟୁନି ଓ ବାଘମାମୁ / ଜକରମିକାରେ ଜକରମିନା / ବୁଢ଼ିଆ ଛେଳି / ମେଘ ବରିଷିଲା | ଅଭ୍ୟାସ କାର୍ଯ୍ୟ |

# ସୂଚୀପତ୍ର


| ସପ୍ତାହ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ | ମୋ ଶରୀର ଓ ମୋ ପରିବାର | ୧-୧୫ |
| ଦ୍ୱିତୀୟ | ଭଲ ଆଚରଣ | ୧୬-୩୧ |
| ତୃତୀୟ | ଦିଗ ଓ ଋତୁ | ୩୨-୪୫ |
| ଚତୁର୍ଥ | ଆମ ପଶୁପକ୍ଷୀ | ୪୬-୫୯ |
| ପଞ୍ଚମ | ଆମକୁ ସାହାଯ୍ୟ କରୁଥିବା ଲୋକ | ୬୦-୭୧ |
| ଷଷ୍ଠ | ସପ୍ତାହ ଓ ମାସ | ୭୨-୮୩ |
| ସପ୍ତମ | ସଂଖ୍ୟା ଓ ଟଙ୍କାପଇସା | ୮୪-୯୫ |
| ଅଷ୍ଟମ | ମେଳା ଓ ହାଟବଜାର | ୯୬-୧୨୪ |

# ପ୍ରଥମ ସପ୍ତାହ

## ମୋ ଶରୀର ଓ ମୋ ପରିବାର

## ଅଭିନୟ ଗୀତ: ଏଇତ ମୋର ମଥା

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦକୁ ବାରମ୍ବାର କହିବା ।







ଏଇତ ମୋର ମଥା,
ଖରା ବରଷା ଦାଉ ସହେରେ, ଧରଇ ଯେବେ ଛତା
ମୁଁ ଧରଇ ଯେବେ ଛତା... ।
ଏଇତ ମୋର ଆଖି,
ଆଖି ଖୋଲିଲେ ଦେଖେ ମୁଁ ସବୁ, ରହେନା କିଛି ବାକି
ମୋର ରହେନା କିଛି ବାକି... ।
ଏଇତ ମୋର ନାକ,
ଯିବା ଆସିବା କରେ ପବନ, ଏଇଠି ଜୀବନଯାକ
ମୋର ଏଇଠି ଜୀବନଯାକ... ।
ଏଇତ ମୋର ପାଟି,
ଯାହା ମୁଁ ଖାଏ, ଚୋବାଏ ଦାନ୍ତ, ଦିଅଇ ସବୁ ବାଟି
ସେ ଦିଅଇ ସବୁ ବାଟି... ।
କାନ ଦିଓଟି ପୁଣି
ପତରଟିଏ ପଡ଼ିଲେ ତଳେ ପାରଇ ମୁହିଁ ଶୁଣି
ଯାହା ପାରଇ ମୁହିଁ ଶୁଣି... ।
ଏଇତ ମୋର ପେଟ
ଯାହା ମୁଁ ଖାଏ, ଯାହା ମୁଁ ପିଏ, ସବୁ ଏଇଠି ଭେଟ
ମୋର ସବୁ ଏଇଠି ଭେଟ... ।
ପାଦ ଦୁଇଟି ଏଇ,
ଦୁନିଆଁ ସାରା ଚାଲଇ ମୁହିଁ ପାଦରେ ଭରା ଦେଇ
ମୋର ପାଦରେ ଭରା ଦେଇ ... ।

**ସମତାନ ଶବ୍ଦ**

| | | |
|---|---|---|
| ମଥା | - | ଛତା |
| ଆଖି | - | ବାକି |
| ନାକ | - | ଯାକ |
| ପାଟି | - | ବାଟି |
| ପୁଣି | - | ଶୁଣି |
| ପେଟ | - | ଭେଟ |
| ଏଇ | - | ଦେଇ |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।







ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

## କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________

### ଚିତ୍ର ଦେଖିବା, ଚିହ୍ନିବା, କହିବା

ଏହି ଚିତ୍ରରେ ଆମ ଶରୀରର ବିଭିନ୍ନ ଅଙ୍ଗର ନାମ ଅଛି । ଆମ ଶରୀରର ବିଭିନ୍ନ ଅଙ୍ଗ ବିଷୟରେ ବାପାମାଆଙ୍କୁ ପଚାରି ଜାଣିବା ଓ କହିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

ଦିନାଙ୍କ ____________

## ଶିକ୍ଷଣକାର୍ଯ୍ୟ: ପରିବାର



ପିତାମାତା, ପିଲାମାନଙ୍କ ସହ ନିମ୍ନ ପ୍ରଶ୍ନୋତ୍ତର ମାଧ୍ୟମରେ ପରିବାର ସମ୍ପର୍କରେ ଆଲୋଚନା କରିବେ। ଉପର ଚିତ୍ର ଦେଖି ପିଲାମାନେ କହିବେ।

- ଏହି ଚିତ୍ରରେ ବାପା କିଏ ?
- ମାଆ କିଏ ?
- ଏମାନଙ୍କ ଭିତରୁ ଭାଇ / ଭଉଣୀ କିଏ ?
- ଏହି ପରିବାରର ଚିତ୍ରରେ ଜେଜେବାପା କି ଜେଜେମାଆ ଅଛନ୍ତି କି ? ଏହିପରି ଅଧିକ ପ୍ରଶ୍ନ ପଚାରି ପରିବାର ବିଷୟରେ ଆଲୋଚନା କରାଯାଇ ପାରିବ।

## କଥୋପକଥନ

'ଏଇତ ମୋର ମଥା'-କବିତାରେ ଆମେ ଆମ ଶରୀର ବିଷୟରେ ଜାଣିଲେ। କହିଲ ଦେଖି-

- ତୁମ ଆଖି କାହିଁ ?
- ତୁମେ ଆଖିରେ କ'ଣ କର ?
- ତୁମ ନାକ କାହିଁ ? ତୁମେ ନାକରେ କ'ଣ କର ?
- ତୁମର ହାତ ଦେଖାଅ। ହାତରେ ତୁମେ କ'ଣ କର ?
- କେଉଁଟି ତୁମର ଗୋଡ଼ ? ଗୋଡ଼ରେ ତୁମେ କ'ଣ କର ?
- ତୁମ ନାକ /ପାଟି/ଜିଭ କାହିଁ? ଦେଖାଅ, ଏହିପରି ଆଲୋଚନା କରାଯାଇ ପାରିବ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

ଚିତ୍ର ଦେଖି ଶରୀରର ବିଭିନ୍ନ ଅଙ୍ଗକୁ ବିନ୍ଦୁ ଯୋଡ଼ି ପୂରଣ କରିବା ।



| | | |
|---|---|---|
| ମୁଣ୍ଡ | ଆଖି | ନାକ |
| କାନ | ପାଟି | ଗାଲ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

ଆସ, ଚିତ୍ର ଦେଖି, ଚିହ୍ନିବା ଓ ସମାନ ଅଙ୍ଗକୁ ଗାର ଟାଣି ଯୋଡ଼ିବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୧

ଦିନାଙ୍କ ____________

# ଗଳ୍ପ କଥନ: କିଏ ବଡ଼

**ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।**

ଥରେ ହାତ, ଗୋଡ଼ ଓ ପେଟ ନିଜ ନିଜ ଭିତରେ କଳି କଲେ । ହାତ କହିଲା, '' ମୁଁ ବଡ଼'' । ଗୋଡ଼ କହିଲା, '' ମୁଁ ବଡ଼'' । ପେଟ କହିଲା, '' ମୁଁ ବଡ଼'' କାରଣ ମୁଁ ଖାଦ୍ୟ ହଜମ କରି ବଳ ଯୋଗାଇଲେ ଯାଇ ତୁମେମାନେ କାମ କରିପାରୁଛ । ତେଣୁ ମୁଁ ସବୁଠାରୁ ବଡ଼ ।'' ଏହା ଶୁଣି ହାତ କହିଲା, ''ନାଇଁ ନାଇଁ, ମୁଁ ସବୁଠୁ ବଡ, କାରଣ ମୁଁ କାମ କଲେ, ଭାତ, ରୁଟି, ପାଟି ପାଖକୁ ନେଲେ ଯାଇ ପେଟ ଖାଦ୍ୟ ପାଉଛି । ମୁଁ ଯଦି ଖାଇବାକୁ ନ ଦିଏ, ତେବେ ପେଟ ତ ଭୋକରେ ରହିଯିବ, ତେଣୁ ମୁଁ ବଡ଼ ।'' ତା' ପରେ ଗୋଡ଼ କହିଲା, ''ନାଇଁ, ନାଇଁ ମୁଁ ବଡ଼ । କାରଣ ମୁଁ ଚଲାବୁଲା କରିବା ଫଳରେ ମଣିଷ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇ ପାରୁଛି । ମୁଁ ଯଦି ଚଲାବୁଲା ନ କରିବି, ତାହେଲେ ହାତ ଭାତ ବା ରୁଟି ଆଣିପାରିବ ନାହିଁ । ପେଟ ମଧ୍ୟ ଖାଦ୍ୟ ପାଇପାରିବ ନାହିଁ । ତେଣୁ ମୁଁହିଁ ବଡ଼ ।'' ଏହାପରେ ହାତ ଓ ଗୋଡ଼ ମିଶି କିଛି କାମ ନ କରି ପେଟକୁ ଉଚିତ୍ ଶିକ୍ଷା ଦେବା ପାଇଁ ଭାବିଲେ । ତେଣୁ ତା' ପର ଦିନ ହାତ ଓ ଗୋଡ଼ କିଛି କାମ କଲେ ନାହିଁ । ତେଣୁ ପେଟ ବି ଖାଦ୍ୟ ପାଇ ପାରିଲା ନାହିଁ, କି ହଜମ କରି ଦେହକୁ ବଳ ଯୋଗାଇ ପାରିଲା ନାହିଁ । ଗୋଟିଏ ଦିନ ପରେ ହାତ ଗୋଡ଼ ଆଉ ନିଜ ସ୍ଥାନରୁ ଉଠିପାରିଲେ ନାହିଁ । ହାତ ଗୋଡ଼କୁ କହିଲା, ''କ'ଣ କରିବା, ଆମେ କ'ଣ ଚଳପ୍ରଚଳ ହୋଇପାରିବା ନାହିଁ ?'' ଗୋଡ଼ କହିଲା, ''ଆମେ କ'ଣ କରିବା ?'' ଏହା ଶୁଣି ପେଟ ଟିକେ ମୁରୁକି ହସି କହିଲା, ''ଆରେ ଭାଇ, ସମସ୍ତେ ସିନା ମିଳିମିଶି କାମ କଲେ ନିଜ ନିଜ ସ୍ଥାନରେ ବଡ଼ ହୋଇ ରହି ପାରିବା । ଗୋଡ଼ ଚଲାବୁଲା କରିବ, ହାତ କାମ କରି ଭାତ, ରୁଟି ପାଟି ପାଖକୁ ଆଣିବ ଏବଂ ମୁଁ ତାକୁ ହଜମ କରି ବଳ ଯୋଗାଇଲେ ସମସ୍ତେ ଚଳପ୍ରଚଳ ହେବେ । ତେଣୁ ବଡ଼ କିଏ କହି କଳି ନ କରି ସମସ୍ତେ ମଳିମିଶି କାମ କରିବା ଚାଲ !'' ହାତ, ଗୋଡ଼ ମଧ୍ୟ ପେଟ ସହ ଏକମତ ହେଲେ । ଆଉ କଳି କଲେ ନାହିଁ ।



**ପ୍ରଶ୍ନ-**

କିଏ କିଏ କଳି ଲାଗିଲେ ?

ପେଟ କ'ଣ କହିଲା ?

ହାତ କ'ଣ କହିଲା ?

ଗୋଡ଼ କ'ଣ କହିଲା ?

ଏହି ଗପରୁ ତୁମେ କ'ଣ ଶିଖିଲ ?

**ମୁଖ୍ୟ ଶବ୍ଦ**

**ହାତ, ଗୋଡ଼, ପେଟ, କାମ, ବଳ**

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# କାର୍ଯ୍ୟଫର୍ଦ୍ଦ-୪

ଦିନାଙ୍କ ____________

ଆସ, ଚିତ୍ର ଦେଖି ପରିବାରରେ କିଏ କିଏ ଅଛନ୍ତି ଜାଣିବା ଓ କହିବା ।




ଆମେ ପରିବାରରେ ରହୁ। ଆମ ପରିବାରରେ ବାପା, ମାଆ, ଭାଇ, ଭଉଣୀ, ଜେଜେମାଆ ଓ ଜେଜେବାପା ରୁହନ୍ତି । ଆସ, ଆମ ପରିବାରରେ ଆଉ କେଉଁମାନେ ରୁହନ୍ତି, ବାପାମାଆଙ୍କୁ ପଚାରି ବୁଝିବା ଓ କହିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# କାର୍ଯ୍ୟଫର୍ଦ୍ଦ-୫

ଦିନାଙ୍କ ____________

**ଆମେ ଘରେ ନିଜ ପରିବାର ଲୋକଙ୍କ ସହିତ ମିଶି କ'ଣ ସବୁ କରୁ, ଆସ ଚିତ୍ର ଦେଖି ଜାଣିବା ଓ କହିବା ।**



ଖେଳିବା



ସଫେଇ କରିବା



ଫଳ କାଟିବା



ଗପ ଶୁଣିବା



ଝାଡୁ କରିବା



ପାଠ ପଢ଼ିବା



ରୋଷେଇ କରିବା



ଚାଉଳ ବାଛିବା

ପରିବାରରେ ସମସ୍ତେ ଏକାଠି ରୁହନ୍ତି । ମିଳିମିଶି କାମ କରନ୍ତି । ତୁମେ ଘରେ କେଉଁ କେଉଁ କାମ କର, ଆସ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

## କାର୍ଯ୍ୟପର୍ଦ୍ଧ-୬

ଦିନାଙ୍କ ____________

ଆସ, ଚିତ୍ର ଦେଖି ଆମ ଘର ଚାରିପାଖରେ ଥିବା ଜିନିଷକୁ ମନେପକାଇବା ଓ କହିବା ।

### ଆମ ପରିବେଶ




ଆମ ଘର ଚାରିପାଖରେ ରହୁଥିବା ଲୋକଙ୍କୁ ପଡ଼ୋଶୀ କହନ୍ତି । ଆସ ବାପାମାଆଙ୍କୁ ପଚାରି ପଡ଼ୋଶୀଙ୍କ ବିଷୟରେ ଜାଣିବା ଓ କହିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୧

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ଠେକୁଆ ଓ କଇଁଛ



ଠେକୁଆଟିଏ ଥିଲା । ଦିନେ ଗୋଟିଏ କଇଁଛ ସହ ତା'ର ଦେଖା ହେଲା । ଠେକୁଆ ଓ କଇଁଛ ସାଥୀ ହୋଇଗଲେ । ଦିନେ ଠେକୁଆ କହିଲା-ଚାଲ ଦଉଡ଼ିବା । ଯିଏ ଆଗ ସେ ତାଳଗଛ ପାଖରେ ପହଞ୍ଚିବ ସେ ଜିତିବ । କଇଁଛ ତା' କଥାରେ ରାଜି ହେଲା । ଦଉଡ଼ିବା ପାଇଁ ଦିନ ଠିକ୍ ହେଲା । ଖେଳ ଦେଖିବାପାଇଁ ବଣର ପଶୁପକ୍ଷୀ ଏକାଠି ହେଲେ । ଖେଳ ଆରମ୍ଭ ହେଲା । ଠେକୁଆ ଖୁବ୍ ଜୋରରେ ଦଉଡ଼ିଲା । କଇଁଛ ଧୀରେ ଧୀରେ ଚାଲୁଥାଏ । କିଛି ଦୂର ଗଲା ପରେ ଠେକୁଆ ପଛକୁ ଚାହିଁଲା । କଇଁଛ ବହୁତ ପଛରେ ଥିଲା । ଠେକୁଆ ଗଛମୂଳେ ବସି ପଡ଼ିଲା । ବସୁବସୁ ନିଦରେ ଶୋଇ ପଡ଼ିଲା । କଇଁଛ ଧୀରେ ଧୀରେ ଚାଲୁଥାଏ । କିଛି ସମୟ ପରେ ଠେକୁଆ ନିଦରୁ ଉଠିଲା । ସେ ଜୋର୍‌ରେ ଦଉଡ଼ିଲା । ତାଳଗଛ ପାଖରେ ପହଞ୍ଚିଲା । ଦେଖିଲା ବେଳକୁ କଇଁଛ ଆଗରୁ ଆସି ସେଠି ବସିଛି । ଠେକୁଆ ମନଦୁଃଖରେ ସେଠାରୁ ପଳାଇଲା ।




### ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ
ମାମୁ ମୋତେ ମାଇଲେ
ମାଇଁ ମୋତେ ଧଇଲେ
ଦୁଧ ଭାତ ଖୋଇଲେ ।
ସୁନା ପିଲା ମୁହଁରେ
ମୋ ପରି କେ ନାହିଁରେ ।



ସପ୍ତାହ-୧

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ଚତୁର କାଉ

ଖରାଦିନ। କାଉଟିଏ ଉଡ଼ିଉଡ଼ି ଯାଉଥିଲା। ତାକୁ ଭାରି ଶୋଷ ହେଲା। ସେ ଚାରିଆଡ଼େ ପାଣି ଖୋଜିଲା। ଦେଖିଲା ଗଛ ତଳେ ଗୋଟିଏ ମାଠିଆ ଅଛି। ସେ ଯାଇ ମାଠିଆ ଉପରେ ବସିଲା। ମାଠିଆରେ ଅଳପ ପାଣି ଥିଲା। ତା' ଥଣ୍ଟ ପାଇଲାନି। ମାଠିଆ ପାଖରେ ଗୋଡ଼ି ପଡ଼ିଥିଲା। କାଉ ଥଣ୍ଟରେ ଗୋଟିଏ ଗୋଟିଏ ଗୋଡ଼ି ଆଣି ମାଠିଆରେ ପକାଇଲା। ପାଣି ଉପରକୁ ଉଠି ଆସିଲା। କାଉ ପାଣି ପିଇ ଖୁସିରେ ଉଡ଼ିଗଲା।




### ଆ..... ଆ..... ରେ ବାଇଚଢ଼େଇ

ଆ..... ଆ..... ରେ ବାଇଚଢ଼େଇ
ତୋ ମାଆ ଯାଇଛି ଗାଈ ଚରେଇ।
ଗହୀର ବିଲରୁ ଆଣିବ ବେଲ
କୋଳରେ ବସେଇ କରିବ ଗେଲ।
ଆ..... ଆ..... ରେ ବାଇଚଢ଼େଇ



ସପ୍ତାହ-୧

## ଆସ, ବିନ୍ଦୁ ଯୋଡ଼ି ଚିତ୍ର କରିବା । ରଙ୍ଗ ଦେବା ।



ଫୁଲ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଦ୍ୱିତୀୟ ସପ୍ତାହ

## ଭଲ୍ ଆଚରଣ

## ଅଭିନୟ ଗୀତ: ସକାଳୁ ଉଠି

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦକୁ ବାରମ୍ବାର କହିବା।



ସକାଳୁ ଉଠି ମୁଁ ଘଷିବି ଦାନ୍ତ
ଖାଇବା ଆଗରୁ ଧୋଇବି ହାତ।
ଆସନ ଉପରେ ଖୁସିରେ ବସି
ଯାହା ଦେବେ ମାଆ ଖାଇବି ହସି।
ଖାଇବା ଦରବ ଫିଙ୍ଗିବି ନାହିଁ
ବେଶି ଥିବ ଯାହା ଦେବି ଫେରାଇ।
ଖାଦ୍ୟରେ ବସାଇ ନଦେବି ମାଛି
ଲୁଗା ସଫା ମୁହିଁ କରିବି କାଚି।
ବଢ଼ାଇବି ନାହିଁ ନଖ ମୋହର
ନଖର ମଇଳା ରୋଗର ଘର।
ମୁହଁରେ ନଦେବି ଅସନା ପାଣି
ପାଣିକୁ ସିଝାଇ ପିଇବି ଛାଣି।
ବ୍ୟାୟାମ କରିବି ସଂଜ ସକାଳେ
ଖେଳିବି ବୁଲିବି ସାଥୀଙ୍କ ମେଳେ।
ଯେତେବେଳେ ଯେଉଁ କାମ ମୋହରି
ସାରିବି ନିତି ମୁଁ ହେଳା ନ କରି।

**ସମତାନ ଶବ୍ଦ**

| | | |
|---|---|---|
| ଦାନ୍ତ | - | ହାତ |
| ବସି | - | ହସି |
| ମାଛି | - | କାଚି |
| ପାଣି | - | ଛାଣି |
| କରିବି | - | ଖେଳିବି |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

## କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________

**ଆସ, ଚିତ୍ର ଦେଖି ଆମେ ସବୁଦିନ କରୁଥିବା କାମଗୁଡ଼ିକୁ ଚିହ୍ନିବା ଓ କହିବା ।**



ଜଳଖିଆ ଖାଇବା



ହାତ ଧୋଇବା



ସ୍କୁଲ ବାହାରିବା



ପାଣି ପିଇବା




ସ୍କୁଲ ଯିବା


ଆମେ ସକାଳୁ ଉଠି ରାତିରେ ଶୋଇବା ଯାଏ କ'ଣ କ'ଣ କରୁ, ଆସ ବାପାମାଆଙ୍କ ସହ ଆଲୋଚନା କରି ଜାଣିବା ଓ କ୍ରମରେ କହିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୪

ଆସ, ଚିହ୍ନ ଅନୁସାରେ ଗାର ଟାଣିବା।









ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-২

দিনাঙ্ক ____________

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ: ବାଘମାମୁ, ବାଘମାମୁ ସମୟ କ'ଣ ପାଇଁ ?

ବାପାମାଆ, ପିଲାମାନଙ୍କ ସହ ତଳଲିଖିତ ଖେଳଟି ଖେଳିବେ। ଏହି ଖେଳ ମାଧ୍ୟମରେ ବିଭିନ୍ନ ପ୍ରକାର କାମର ନାମ ଓ ଅଭିନୟ, ପିଲାଙ୍କଦ୍ୱାରା କରାଇବେ।

ଖେଳ-

ଜଣେ ବାଘମାମୁ ହେବେ। ତାଙ୍କ ଆଗରେ ଅନ୍ୟମାନେ (ପିଲା) ରହିବେ। ବାଘମାମୁଙ୍କୁ ପିଲାମାନେ ପଚାରିବେ, ''ବାଘମାମୁ, ବାଘମାମୁ, ସମୟ କ'ଣ ପାଇଁ?'' ବାଘମାମୁ କହିବେ, ''ଶୋଇବା ପାଇଁରେ... ଶୋଇବା ପାଇଁ।'' ପିଲାମାନେ ଶୋଇବାର ଅଭିନୟ କରିବେ।

ଏହିପରି ଉଠିବା, ମୁହଁ ଧୋଇବା, ଦାନ୍ତ ଘଷିବା, ଗାଧୋଇବା, ଜାମା ପିନ୍ଧିବା ଇତ୍ୟାଦିର ଅଭିନୟ କରାଯିବ। ଦୁଇ ତିନୋଟି ଅଭିନୟ ପରେ ବାଘମାମୁ ବଦଳିବେ ଓ ଅନ୍ୟ ଜଣେ ବାଘମାମୁ ହେବେ।

## କଥୋପକଥନ

### ଭଲକାମ ଓ ଖରାପ କାମ

- ପିଲାମାନେ, ଘରେ କିଏ କ'ଣ କାମ କରନ୍ତି କହିବେ। ଯେପରି-
  - ବାପା କ'ଣ କରନ୍ତି ?
  - ଜେଜେବାପା କ'ଣ କରନ୍ତି ?
- ନିଜର ଦିନସାରା କରୁଥିବା କାମ ବିଷୟରେ କହିବେ (ଯେପରି-ସକାଳୁ ଉଠୁ, ଦାନ୍ତ ଘଷୁ....
- ପିଲାମାନେ, କେଉଁ କାମ ଭଲ ଓ କେଉଁ କାମ ଖରାପ, କହିବେ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

## କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________


ଆସ, ଚିତ୍ରକୁ ଦେଖି କାମଗୁଡ଼ିକୁ ଗାର ଟାଣି ଯୋଡ଼ିବା ।



ସକାଳୁ ଉଠିବା



ଦାନ୍ତ ଘଷିବା



ଜଳଖିଆ ଖାଇବା



ପାଠ ପଢ଼ିବା



ବଲ୍ ଖେଳିବା



ବଲ୍ ଖେଳିବା



ପାଠ ପଢ଼ିବା



ଦାନ୍ତ ଘଷିବା



ଜଳଖିଆ ଖାଇବା



ସକାଳୁ ଉଠିବା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

ଚିତ୍ର ଦେଖିବା ଓ ଭଲ କଥା ବିଷୟରେ ଜାଣିବା ।



ସକାଳୁ ଉଠିବା



ଦାନ୍ତ ଘଷିବା



ଖାଦ୍ୟ ଖାଇବା




ସ୍କୁଲ ଯିବା



ଅଳିଆ ନ କରିବା



ପାଠ ପଢ଼ିବା



ସଫା ଲୁଗା ପିନ୍ଧିବା



ପ୍ରାର୍ଥନା କରିବା



ସମୟରେ ଶୋଇବା

ଆସ, ବାପାମାଆଙ୍କୁ ପଚାରି ଆଉ କିଛି ଭଲ କଥା ବିଷୟରେ ଜାଣିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨



ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

ଦିନାଙ୍କ ____________

## ଗଳ୍ପ କଥନ: ଅଳସୁଆ ଦୁଃଖ ଭୋଗେ

ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।





ଖରାଦିନ ସକାଳ । କଅଁଳିଆ ଖରା ଘାସ ଉପରେ ପଡ଼ି ଚିକ୍‌ଚିକ୍ କରୁଥାଏ । ଝିଣ୍ଟିକାଟିଏ ଖୁସି ମନରେ ଘାସ ଉପରେ ଡେଇଁ ବୁଲୁଥାଏ । ତା' ସହିତ ଖେଳିବା ପାଇଁ ସାଙ୍ଗଟିଏ ଖୋଜୁଥାଏ । ଏତିକିବେଳେ ପିମ୍ପୁଡ଼ିଟିଏ ଖାଦ୍ୟ ସଂଗ୍ରହ କରିବା ପାଇଁ ବାହାରିଥାଏ । ଝିଣ୍ଟିକା କହିଲା, ''ପିମ୍ପୁଡ଼ି ଭାଇ, ଏତେ ସୁନ୍ଦର ଖରା ହୋଇଛି, ତୁମର ଖେଳିବା ପାଇଁ ମନ ହେଉନି ? ଆସ ସାଙ୍ଗ ହୋଇ ଖେଳିବା ।'' ପିମ୍ପୁଡ଼ି କହିଲା, ''ନାଇଁ, ଝିଣ୍ଟିକା ଭାଇ, ମୋର ବେଳ ନାହିଁ । ମୁଁ ଯାଉଛି ଖାଦ୍ୟ ସଂଗ୍ରହ କରି ଆସନ୍ତା ଦିନ ପାଇଁ ସାଇତି ରଖିବି ।'' ଏହା କହି ପିମ୍ପୁଡ଼ି ତା' ବାଟରେ ଚାଲିଗଲା । ଝିଣ୍ଟିକା ତା' କଥାକୁ ହସରେ ଉଡ଼େଇ ଦେଲା । ଭାବିଲା, ପିମ୍ପୁଡ଼ିଟା ସତରେ କେଡ଼େ ବୋକା ! ଏତେ ସୁନ୍ଦର ପାଗରେ ନ ଖେଳି କାମ କରୁଛି ?

ଏମିତି କେତେ ଦିନ ବିତିଗଲା । ବର୍ଷାଦିନ ଆସିଲା । ବହୁତ ଦିନ ଧରି ଝଡ଼ିବର୍ଷା ଲାଗି ରହିଲା । ଝିଣ୍ଟିକାଟିର ଖାଦ୍ୟ ସରିଗଲା । କ'ଣ କରିବ ? ବର୍ଷାରେ ଓଦା ହୋଇ ବହୁ କଷ୍ଟରେ ପିମ୍ପୁଡ଼ି ପାଖରେ ପହଞ୍ଚିଲା । କହିଲା, ''ପିମ୍ପୁଡ଼ି ଭାଇ, ମୁଁ ଦୁଇଦିନ ଧରି କିଛି ଖାଇନାହିଁ । ତୁମେ ତ ଖାଦ୍ୟ ସଂଗ୍ରହ କରି ରଖିଛ । ମତେ ଦୟାକରି କିଛି ଦିଅ ।'' ପିମ୍ପୁଡ଼ି ତାକୁ ଦୟାକରି କିଛି ଖାଦ୍ୟ ଦେଲା ଓ ବୁଝାଇ କରି କହିଲା, ''ମୁଁ ଯେତେବେଳେ କହୁଥିଲି ଖାଦ୍ୟ ସଂଗ୍ରହ କରି ସାଇତି ରଖିବା, ସେତେବେଳେ ମୋ' କଥା ହସରେ ଉଡ଼େଇ ଦେଲ ଓ ମୋତେ ବୋକା ଭାବିଥିଲ । ଏବେ ଜାଣିଲ, ଖେଳିବୁଲି ସମୟ ନଷ୍ଟ କଲେ କି ଅଳସୁଆ ହୋଇ ଖାଦ୍ୟ ସାଇତି ନରଖିଲେ, ଦୁଃଖ ଭୋଗିବାକୁ ପଡ଼େ ।'' ସେଇଥିପାଇଁ କହନ୍ତି, 'ଅଳସୁଆ ଦୁଃଖ ଭୋଗେ ।'

**ପ୍ରଶ୍ନ**

- ଝିଣ୍ଟିକା ଖୁସି ମନରେ କ'ଣ କରୁଥିଲା ?
- ଝିଣ୍ଟିକା କାହାକୁ ଖାଦ୍ୟ ମାଗିଲା ?
- ପିମ୍ପୁଡ଼ି ତାକୁ କ'ଣ କହିଲା ?
- କିଏ ଅଳସୁଆ ଥିଲା ?





**ମୁଖ୍ୟ ଶବ୍ଦ**

**ସକାଳ, ଝିଣ୍ଟିକା, ପିମ୍ପୁଡ଼ି, ଖାଦ୍ୟ, ଝଡ଼ି**

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# କାର୍ଯ୍ୟଫର୍ଦ୍ଦ-୪

ଦିନାଙ୍କ ____________

ଚିତ୍ର ଦେଖିବା, ଭଲ ଓ ଖରାପ କଥା ବିଷୟରେ ଜାଣିବା । ଭଲ କଥା ପାଖରେ ( ✓ ) ଚିହ୍ନ ଓ ଖରାପ କଥା ପାଖରେ ( X ) ଚିହ୍ନ ଦେବା ।

ଆସ, ଚିତ୍ର ତଳେ ଥିବା ଲେଖାକୁ ଦେଖି ଲେଖିବା ।



☐

ସାଙ୍ଗ ସହ ଖେଳିବା



☐

ସକାଳୁ ଉଠିବା



✓

ଅଳିଆ ସଫା କରିବା



☐

ଚିଡ଼େଇବା



☐

ଗଛରେ ପାଣିଦେବା



☐

ଖତେଇ ହେବା

ଆସ, ବାପାମାଆଙ୍କୁ ପଚାରି ଆଉ କିଛି ଭଲ କଥା ଓ ଖରାପ କଥା ବିଷୟରେ ଅଧିକ ଜାଣିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨



ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# କାର୍ଯ୍ୟଫର୍ଦ୍ଦ-୫

ଦିନାଙ୍କ ____________

ଆସ, ଚିତ୍ର ଦେଖିବା । ଭଲ ଓ ଖରାପ କଥା ବାଛିବା । ଭଲ କଥା ପାଖରେ ( ✓ ) ଚିହ୍ନ ଓ ଖରାପ କଥା ପାଖରେ ( X ) ଚିହ୍ନ ଦେବା ।



ଲୁଗା ସଫା କରିବା
ଭଲ (✓)/ଖରାପ ( )



ଅନ୍ଧ ଲୋକଙ୍କୁ
ରାସ୍ତା ପାରି କରାଇବା
ଭଲ ( ) / ଖରାପ ( )



ଖତେଇ ହେବା
ଭଲ ( )/ ଖରାପ ( )



ଅନ୍ୟକୁ ଥଟ୍ଟା କରିବା
ଭଲ ( )/ ଖରାପ ( )



ଗରିବ ଲୋକଙ୍କୁ ଦାନ ଦେବା
ଭଲ ( )/ ଖରାପ ( )



ବୟସ୍କ ଲୋକଙ୍କୁ
ସାହାଯ୍ୟ କରିବା
ଭଲ ( )/ ଖରାପ ( )

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# କାର୍ଯ୍ୟଫର୍ଦ୍ଦ-୬

ଦିନାଙ୍କ ____________

**ଆସ, ଚିତ୍ର ଦେଖିବା । ଭଲ ଓ ଖରାପ କଥା ବାଛିବା । ସେଥିମଧ୍ୟରୁ ଯେଉଁ କାମଟି ଭଲ ବୋଲି ଭାବୁଛ ସେହି ଚିତ୍ର ଉପରେ ଗୋଲ ବୁଲାଇବା ।**



ଗଛ ଲଗାଇବା



ଗାଳି ଦେବା



ଅଳିଆ କରିବା



ନିଜ ବାସନ ଧୋଇବା



ଆଙ୍ଗୁଠି ପାଟିରେ ପୂରାଇବା



ନାକରେ ଆଙ୍ଗୁଠି ପୂରାଇବା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ



ଝଗଡ଼ା କରିବା



ବାଡ଼େଇବା



ବାଳ ଟାଣିବା



ଅନ୍ୟକୁ ଠେଲି ଦେବା



ଆମେମାନେ ସବୁବେଳେ ଭଲ କାମ କରିବା ଦରକାର । ଆସ, ଏ ବିଷୟରେ ବାପାମାଆଙ୍କ ସହ ଆଲୋଚନା କରିବା ଓ ଜାଣିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଅଜବ ଦେଶର ଗଜବ ହାତୀ

ବଣରେ ସିଂହ ରାଜା ଥିଲେ । ସେ ଭାରି ଭଲ । ସବୁ ପଶୁଙ୍କ ଭଲମନ୍ଦ କଥା ସିଏ ବୁଝୁଥିଲେ । ବଣ ଭିତରେ ନଈଟିଏ ଥିଲା । ସିଂହରାଜା ତା' ଉପରେ ପୋଲ ତିଆରି କଲେ । କେତେଦିନ ପରେ ପୋଲଟି ଭାଙ୍ଗିଗଲା । ରାଜା ଯେତେଥର ପୋଲ ଗଢୁଥାନ୍ତି ସେଇଟି ଭାଙ୍ଗି ଯାଉଥାଏ । ଦିନେ ଭାଲୁ ଆସି କହିଲା, ''ଠେକୁଆ ଭାରି ବୁଦ୍ଧିଆ । ସିଏ ପୋଲ ଗଢ଼ିଦେବ ।'' ଠେକୁଆକୁ ଡକାଗଲା । ତା' ଘର ହାତୀ ଭାଙ୍ଗି ଦେଇଥାଏ । ଘର ସଜାଡ଼ି ଠେକୁଆ ଡେରିରେ ଆସି ପହଞ୍ଚିଲା । ରାଜାଙ୍କଠାରୁ ସବୁ ଶୁଣିଲା । ପୋଲ ଗଢ଼ିଦେବ ବୋଲି କହିଲା । ବଣର ସବୁ ପଶୁମାନେ ଠେକୁଆକୁ ସାହାଯ୍ୟ କଲେ । ପୋଲ ତିଆରି ହୋଇଗଲା । ପୋଲ ତିଆରି ହେଲା ପରେ ସମସ୍ତେ ପାଳି କଲେ । ଲୁଚିଲୁଚି ପୋଲକୁ ଜଗିଲେ । ଦିନେ ଦେଖିଲା ବେଳକୁ ହାତୀ ଆସି ପୋଲ ଭାଙ୍ଗୁଛି । ପଶୁମାନେ ସିଂହରାଜାଙ୍କୁ ଡାକିଲେ । ସିଂହରାଜାଙ୍କୁ ଦେଖି ହାତୀ ଡରରେ ଥରିଲା । ରାଜା ଗର୍ଜନ କଲେ । ପୋଲ କାହିଁକି ଭାଙ୍ଗୁଛୁ ବୋଲି ହାତୀକୁ ପଚାରିଲେ । ହାତୀ କହିଲା-''ଆରପଟ ଜଙ୍ଗଲରେ ବଢ଼ିଆ ଖାଇବା ଦରବ ଅଛି । ମୁଁ ସବୁଦିନ ନଈ ପାରି ହୋଇଯାଏ । ତାଳ ପତର ଖାଏ । ପୋଲ ଗଢ଼ା ହେଲେ ସବୁ ପଶୁ ସେପଟକୁ ଯିବେ । ସେଇଥିପାଇଁ ମୁଁ ପୋଲ ଭାଙ୍ଗୁଥିଲି ।'' ରାଜା ହାତୀକୁ ଜଙ୍ଗଲରୁ ବାହାର କରିଦେଲେ । ହାତୀ ମନଦୁଃଖରେ ଜଙ୍ଗଲ ଛାଡ଼ି ଚାଲିଗଲା । ସବୁ ପଶୁମାନେ ଖୁସିରେ ରହିଲେ ।



### ଝୁଲ୍‌ରେ ହାତୀ ଝୁଲ୍



ଝୁଲୁ ଝୁଲୁ ଝୁଲୁ...
ଝୁଲୁରେ ହାତୀ ଝୁଲୁ
ବାଆ ପାଣି ଖାଇ ଫୁଲୁ ।
ହାତୀ ଝୁଲୁଥାଏ ରାଜା ବଗିଚାରେ
କିଆ କନ୍ଦା ଖାଇବାକୁ
ବାବୁନୁ ଝୁଲୁଛି ମାଆର କୋଳରେ
ଗେଲ ଟିକେ ହୋଇବାକୁ ।
ଝୁଲୁରେ ହାତୀ ଝୁଲୁ ।



ସପ୍ତାହ-୨

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।





### ବିଲେଇ ଓ ବଣିଛୁଆ

ବଣିଟିଏ ବସାରେ ରହୁଥିଲା । ତା'ର ଦୁଇଟି ଛୁଆ ଥିଲେ । ଦିନେ ବିଲେଇଟିଏ ଆସିଲା । ବଣିଛୁଆଙ୍କୁ ଦେଖି ସେମାନଙ୍କୁ ଖାଇବାକୁ ମନ କଲା । ବିଲେଇ ବଣି ସହ କଥା ହେଲା । ଏମିତି ସବୁଦିନ ବିଲେଇ ଆସେ । ବଣି ସହ କଥା ହୁଏ । କିଛିଦିନ ଗଲା । ବିଲେଇ ଚାହିଁ ବସିଥାଏ କେବେ ବଣି ତା'ଛୁଆଙ୍କୁ ଛାଡ଼ି ବାହାରକୁ ଯିବ । ସେ ବଣିଛୁଆଙ୍କୁ ଖାଇବ । ହେଲେ ବଣି ତା' ଛୁଆଙ୍କୁ ଛାଡ଼ି କୁଆଡ଼େ ଯାଏ ନାହିଁ । ସେଇ ପାଖରୁ ପୋକଜୋକ ଆଣି ଖାଏ । ତା' ଛୁଆଙ୍କୁ ଖୁଆଏ । ବଣି ତା' ଛୁଆଙ୍କୁ ଉଡ଼ିବା ଶିଖାଇଲା । ଦିନେ ବିଲେଇ ଆସିଲା । ଦେଖିଲା ବଣିଛୁଆ ଦୁଇଟି ଗଛର ତଳ ଡାଳରେ ବସିଛନ୍ତି । ସେ ବଣିଛୁଆଙ୍କ ଉପରକୁ କୁଦା ମାରିଲା । ଛୁଆଦୁଇଟି ଫଡ଼ଫାଡ ଉଡ଼ିଗଲେ । ଗଛ ଉପରୁ ବିଲେଇ ଦୁମ୍‌କିନା ତଳେ ପଡ଼ିଲା । ତା'ବେକ ମୋଡ଼ି ହୋଇଗଲା । ସେ ଆଉ ବଣିଛୁଆଙ୍କୁ ଖାଇ ପାରିଲାନାହିଁ । ମନଦୁଃଖରେ ଘରକୁ ପଳାଇଲା । ବଣିଛୁଆ ଦୁଇଟି ବିଲେଇ ହାବୁଡ଼ରୁ ଖସିଗଲେ । ମା' ସହ ମନଖୁସିରେ ଉଡ଼ି ବୁଲିଲେ ।



### ଧୋ.... ରେ ବାଇଆ ଧୋ

ଧୋ... ରେ ବାଇଆ ଧୋ
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେଇ କିଆରୀରେ ଶୁଅ ।
ଧୋ... ରେ ବାଇଆ ଧୋ ।



सप्ताह-୨

ଆସ, ବିନ୍ଦୁ ଯୋଡ଼ି ଚିତ୍ର କରିବା । ରଙ୍ଗ ଦେବା ।



ପେଚା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ତୃତୀୟ ସପ୍ତାହ

## ଦିଗ ଓ ଋତୁ

### ଅଭିନୟ ଗୀତ: କହିଲା ଦିନେ ବେଙ୍ଗୁଲିନାନୀ

ଆସ, ଅଭିନୟ କରି ଗୀତଟିକୁ ଗାଇବା ଓ ସମତାନ ଶବ୍ଦକୁ ବାରମ୍ବାର କହିବା ।



କହିଲା ଦିନେ ବେଙ୍ଗୁଲିନାନୀ
କହରେ ମେଘ କହ,
ତୋ' ଦେହେ ଏତେ ପାଣି କୁଆଡୁ
ଆସି ଭିଜାଏ ଦେହ ।
କହିଲା ମେଘ, ଶୁଣୁ ନାନୀ
ନଈ, ପୋଖରୀ ପାଣି,
ଖରାରେ ଶୁଖି ବାଷ୍ପ ହୋଇ
ରହେ ମୋ ଦେହେ ପୁଣି ।
ମେଘରେ ମେଘ ବାଡ଼େଇ ହେଲେ
ବିଜୁଳି ଚମକଇ,
ଘଡ଼ଘଡ଼ିର ଶବଦ ଶୁଭେ
ବରଷା ସାଥୀ ହୋଇ ।
ଥଣ୍ଡା ପବନ ବାଜିଲେ ମେଘେ,
ଝରେ ବରଷା ହୋଇ,
ଭିଜାଇ ଦିଏ ଗଛ ପତର,
ପାହାଡ଼ ଆଉ ଭୂଇଁ ।
କହିଲା ବେଙ୍ଗ ଜାଣିଲି ଆଜି,
କୁହୁକ କଥା ତୋର
ବରଷା ପାଣି ପଡ଼ିଲେ ଦେହେ
ଦେଖାଏ ନାଚ ମୋର ।

**ସମତାନ ଶବ୍ଦ**

| | | |
|---|---|---|
| କହ | - | ଦେହ |
| ନାନୀ | - | ପାଣି |
| ତୋର | - | ମୋର |
| ହୋଇ | - | ଭୂଇଁ |

ଆସ, ଶବ୍ଦଟିର ପ୍ରଥମ ଧ୍ୱନି ଚିହ୍ନିବା ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

सप्ताह-३

# कार्य्यपर्द्ध-१

दिनाङ्क ____________

ଆସ, ଚିତ୍ର ଦେଖି ଋତୁଗୁଡ଼ିକୁ ଚିହ୍ନିବା ଓ ସେମାନଙ୍କ ନାମ କହିବା ।



ଶୀତଋତୁ



ବସନ୍ତ ଋତୁ



ଗ୍ରୀଷ୍ମଋତୁ



ବର୍ଷାଋତୁ


ଗୋଟିଏ ବର୍ଷରେ ଛଅଟି ଋତୁ ଥାଏ । ଆସ ବାପାମାଆଙ୍କୁ ପଚାରି ଋତୁଗୁଡ଼ିକର ନାମ ଜାଣିବା ।


| | | |
|---|---|---|
| ଗ୍ରୀଷ୍ମଋତୁ | ଶରତଋତୁ | ଶୀତଋତୁ |
| ବର୍ଷାଋତୁ | ହେମନ୍ତଋତୁ | ବସନ୍ତଋତୁ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିହ୍ନ ଅନୁସାରେ ଚିତ୍ର କରିବା





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ:ଦିଗ (ଗୀତ)



ପୂର୍ବ ଦିଗରେ ଆସଇ ରବି ଆହା କି ସୁନ୍ଦର ଲୋହିତ ଛବି
ସନ୍ଧ୍ୟା ହେବା ଆଗରୁ ସେତ ପଶ୍ଚିମ ଦିଗରେ ଯାଆନ୍ତି ବୁଡି ।
ପୂରୁବ ଦିଗକୁ ଚାହିଁ ଠିଆ ହେଲେ ଦକ୍ଷିଣେ ଡାହାଣ ହାତ
ବାମ ହାତ ମୋର ଉତ୍ତର ଆଡ଼କୁ ରହିବ ଏହା ନିଶ୍ଚିତ ।

## କଥୋପକଥନ

### ବିଭିନ୍ନ ଋତୁ

ପିତାମାତା, ବିଭିନ୍ନ ପ୍ରଶ୍ନ ଓ ଆଲୋଚନା ମାଧ୍ୟମରେ ବିଭିନ୍ନ ଋତୁ ବିଷୟରେ ପିଲାମାନଙ୍କୁ ଧାରଣା ଦେବେ ।

ପ୍ରଶ୍ନ-

- ଖରାଦିନେ କ'ଣ ଖାଇବାକୁ ଭଲ ଲାଗେ ?
- ଖରାଦିନେ ଆମେ କେମିତିକା ପୋଷାକ ପିନ୍ଧିବାକୁ ଭଲ ପାଉ ?
- ଶୀତଦିନେ ଆମେ କ'ଣ ପିନ୍ଧୁ ?
- ଶୀତଦିନେ ତୁମେ ଆଇସ୍‌କ୍ରୀମ୍ ଖାଅ କି ? କାହିଁକି ଖାଅନାହିଁ ?
- କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୋଇଯାଏ ?
- କେଉଁ ଋତୁରେ ଅଧିକ ପରିବା ମିଳେ ?

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

# କାର୍ଯ୍ୟଫର୍ଦ୍ଦ-୨


ଦିନାଙ୍କ ____________

## ଚିତ୍ର ଦେଖିବା ଓ ଗ୍ରୀଷ୍ମଋତୁ ବିଷୟରେ ଜାଣିବା ।

ଆସ, ତଳ ଚିତ୍ରରୁ ଗ୍ରୀଷ୍ମଋତୁରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକୁ ଦେଖିବା । ସେଗୁଡ଼ିକର ନାମ କହିବା ଓ ଚିତ୍ରରେ ରଙ୍ଗ ଦେବା ।



ଗ୍ରୀଷ୍ମଋତୁ
















## ଆସ, ବାପାମାଆଙ୍କୁ ପଚାରି ଗ୍ରୀଷ୍ମଋତୁ ବିଷୟରେ ବୁଝିବା, ଜାଣିବା ଓ କହିବା ।

- ଗ୍ରୀଷ୍ମଋତୁରେ ଟାଣ ଖରା ହୁଏ ।
- ଭାରି ଗରମ ଲାଗେ ।
- ଦେହରୁ ଝାଳ ବହେ ।
- ସୂତାରେ ତିଆରି ପତଳା ପୋଷାକ ପିନ୍ଧିବାକୁ ଭଲ ଲାଗେ ।
- ଥଣ୍ଡା ସରବତ ପିଇବାକୁ ଭଲ ଲଗେ ।
- ଏଇ ଋତୁରେ ଫଳସବୁ ପାଚେ ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

# କାର୍ଯ୍ୟପର୍ଦ୍ଧ-୩

ଦିନାଙ୍କ ____________

## ଚିତ୍ର ଦେଖିବା ଓ ବର୍ଷାଋତୁ ବିଷୟରେ ଜାଣିବା ।

ଆସ, ତଳ ଚିତ୍ରରୁ ବର୍ଷାଋତୁରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକୁ ଦେଖିବା । ସେଗୁଡ଼ିକର ନାମ କହିବା ଓ ଚିତ୍ରରେ ରଙ୍ଗ ଦେବା ।




## ଆସ, ବାପାମାଆଙ୍କୁ ପଚାରି ବର୍ଷାଋତୁ ବିଷୟରେ ବୁଝିବା, ଜାଣିବା ଓ କହିବା ।

- ବର୍ଷାଋତୁରେ ବର୍ଷା ହୁଏ ।
- ଚାରିଆଡ଼ କାଦୁଅ ହୋଇଯାଏ ।
- ଆମେ ରେନ୍‌କୋଟ୍ ପିନ୍ଧୁ ।
- ବେଙ୍ଗ କେଁ କଟର କରେ ।
- ପାଣିସୁଅରେ କାଗଜ ଡଙ୍ଗା ଭସାଉ ।
- ନଈବଢ଼ି ହୁଏ ।
- ବଡ଼ ଠାକୁର ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହୁଏ ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

ଦିନାଙ୍କ ____________

# ଗଳ୍ପ କଥନ: ପଥୁରିଆ ବୁଦ୍ଧି ଶିଖିଲା

ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।



ଦିନେ ଖରାବେଳେ ପଥୁରିଆ ପଥର କାଟୁ କାଟୁ ଥକିଗଲା । ସେ ସୂର୍ଯ୍ୟଙ୍କୁ ଚାହିଁ କହିଲା, ''ତୁମେ କେଡ଼େ ପ୍ରତାପଶାଳୀ ? ଚନ୍ଦ୍ର ଭଲ । ସେ ଆମକୁ ଶୀତଳତା ଦିଅନ୍ତି ।'' ଚନ୍ଦ୍ର ଏହା ଶୁଣି ସୂର୍ଯ୍ୟ ଆଡ଼େ ଚାହିଁ କହିଲେ, ''ପ୍ରକୃତରେ ମୁଁ କେଡ଼େ ମହାନ୍ ।'' ସୂର୍ଯ୍ୟ ମନେମନେ ପଥୁରିଆକୁ ଶିକ୍ଷା ଦେବା ପାଇଁ ଚିନ୍ତା କଲେ । ତା'ପର ଦିନ ସୂର୍ଯ୍ୟ ଉଦୟ ହେଲା ନାହିଁ । ଚାରିଆଡ଼ ଅନ୍ଧାର ହୋଇଗଲା । ପଥୁରିଆ ପଥର କାଟି ପାରିଲା ନାହିଁ । କାମ ନ କରିବାରୁ ସେ ପଇସା ପାଇଲା ନାହିଁ ଓ ଭୋକରେ ରହିଲା । ତା'ପରେ ପଥୁରିଆ ସୂର୍ଯ୍ୟଙ୍କୁ ଅନୁରୋଧ କରି କହିଲା, ''ହେ ପ୍ରଭୁ ସୂର୍ଯ୍ୟଦେବ, ମୋର ମୂର୍ଖତା ପାଇଁ ମୋତେ କ୍ଷମା କରିଦିଅ । ଏହି ପୃଥିବୀ ପାଇଁ ଚନ୍ଦ୍ରର ଆଲୋକ ଯେତେ ଦରକାର, ସୂର୍ଯ୍ୟଙ୍କ କିରଣ ମଧ୍ୟ ସେତେ ଜରୁରୀ ।'' ତା'ପରେ ସାଙ୍ଗେ ସାଙ୍ଗେ ସୂର୍ଯ୍ୟ ଆକାଶରେ ଦେଖା ଦେଲେ । ପକ୍ଷୀମାନେ ଖୁସିରେ ବିଭିନ୍ନ ଶବ୍ଦ କଲେ । ପଥୁରିଆ ପୁଣି ମନ ଖୁସିରେ କାମକୁ ଗଲା ।

**ପ୍ରଶ୍ନ**

- ଚନ୍ଦ୍ରର କଥା ଶୁଣି ସୂର୍ଯ୍ୟ କ'ଣ କଲେ ?
- ପଥୁରିଆର କ'ଣ ଅସୁବିଧା ହେଲା ?
- ପଥୁରିଆ ସୂର୍ଯ୍ୟଙ୍କୁ କ'ଣ କହିଲା ?

**ମୁଖ୍ୟ ଶବ୍ଦ**

ଅନୁରୋଧ, ପଥୁରିଆ, ପଥର, ସୂର୍ଯ୍ୟ, ଆକାଶ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-৩

## କାର୍ଯ୍ୟପର୍ଦ୍ଦ-୪

ଦିନାଙ୍କ ____________

### ଚିତ୍ର ଦେଖିବା ଓ ଶୀତଋତୁ ବିଷୟରେ ଜାଣିବା ।

ଆସ, ତଳ ଚିତ୍ରରୁ ଶୀତଋତୁରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକୁ ଦେଖିବା । ସେଗୁଡ଼ିକର ନାମ କହିବା ଓ ଚିତ୍ରରେ ରଙ୍ଗ ଦେବା ।



ଶୀତଋତୁ



### ଆସ, ବାପାମାଆଙ୍କୁ ପଚାରି ଶୀତଋତୁ ବିଷୟରେ ବୁଝିବା, ଜାଣିବା ଓ କହିବା ।

- ଶୀତଋତୁରେ ଭାରି ଥଣ୍ଡା ଲାଗେ ।
- ଗରମ ଖାଦ୍ୟ ଖାଉ ।
- ସ୍ୱେଟର୍ ପିନ୍ଧୁ ।
- ରାତିରେ କମ୍ବଳ ଘୋଡ଼େଇ ହୋଇ ଶୋଉ ।
- ଧାନ ଅମଳ ହୁଏ ।
- ବହୁତ ପରିବା ମିଳେ ।
- ଦିନ ସାନ ହୁଏ ।
- କୁହୁଡ଼ି ପଡ଼େ ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

## କାର୍ଯ୍ୟପର୍ଦ୍ଦ-୫

ଦିନାଙ୍କ ____________

## ଚିତ୍ର ଦେଖିବା, ଋତୁ ବିଷୟରେ ଜାଣିବା ଓ କହିବା ।

ଆସ, ତଳ ଚିତ୍ର ଦେଖିବା । ଋତୁଗୁଡ଼ିକର ନାମ କହିବା ଓ ବାପାମାଆଙ୍କୁ ପଚାରି ଚିତ୍ର ସହ ତା'ର ନାମକୁ ଗାର ଟାଣି ଯୋଡ଼ିବା ।










ଆସ, ଋତୁଗୁଡ଼ିକର ନାମ ମନେପକାଇବା । ବାପାମାଆଙ୍କୁ ପଚାରି ତଳେ ଋତୁ ଅନୁସାରେ ମିଳୁଥିବା ଫଳ ଫୁଲର ନାମ ଜାଣିବା ଓ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-৩

## কার্য্যফর্দ্দ-৬

দিনাঙ্ক ____________


আস, চিত্র দেখিবা। দিগ বিষয়রে জাণিবা ও কহিবা।





সকালে সূর্য্য পূর্বদিগরে উদয় হুঅন্তি। আস, সকালে সূর্য্যঙ্ক আড়কু মুহঁ করি ঠিআ হেবা। আমর আগ পাখ পূর্ব দিগ, পছ পাখ পশ্চিম দিগকু রহিব। ডাহাণ হাত দক্ষিণদিগ ও বামহাত উত্তর দিগকু রহিব। বাপামাআঙ্কঠারু দিগগুড়িক বিষয়রে বুঝিবা ও কহিবা।


শিক্ষক/ শিক্ষয়িত্রীঙ্ক স্বাক্ষর ও দিনাঙ্ক


অভিভাবকঙ্ক স্বাক্ষর ও দিনাঙ্ক



ଆସ, ଚିହ୍ନ ଅନୁସାରେ ଗାର ଟାଣିବା ।







ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ବୋକା ବିଲେଇ

ଦୁଇଟି ବିଲେଇ ଥିଲେ । ଦିନେ ସେମାନେ ପିଠାଟିଏ ପାଇଲେ । ଗୋଟିଏ ବିଲେଇ କହିଲା- ''ମୁଁ ଅଧିକ ଖାଇବି'' । ଅନ୍ୟ ବିଲେଇ କହିଲା, ''ମୁଁ ଅଧିକ ଖାଇବି ।'' ଦୁଇଜଣଙ୍କ ଭିତରେ କଳି ହେଲା । ଗଛ ଉପରେ ମାଙ୍କଡ଼ଟିଏ ବସିଥିଲା । ସେ ତଳକୁ ଆସିଲା । ପିଠା ଠିକ୍ ଭାଗ କରିଦେବ ବୋଲି କହିଲା । ବିଲେଇମାନେ ମାଙ୍କଡ଼କୁ ପିଠା ଦେଲେ । ମାଙ୍କଡ଼ ତରାଜୁର ଦୁଇପଟରେ ପିଠାକୁ ଭାଗ କରି ରଖିଲା । ଗୋଟିଏ ପଟ ଅଧିକ ହେଲା । ସେ ସେଥିରୁ ପୁଳାଏ ଖାଇଦେଲା । ତରାଜୁର ଆରପଟ ତଳକୁ ଚାଲିଗଲା । ଏଥର ମାଙ୍କଡ଼ ସେପଟରୁ ବି ଖାଇଦେଲା । ଏମିତି ମାଙ୍କଡ଼ ସବୁ ପିଠା ଖାଇଦେଲା । ତରାଜୁ ଫୋପାଡ଼ି ଦେଇ ଗଛ ଉପରକୁ ପଳାଇଲା । ବିଲେଇ ଦୁଇଟି ମନଦୁଃଖରେ ଘରକୁ ଫେରିଲେ ।



### ଆ ଜହ୍ନମାମୁ ସରଗଶଶୀ

ଆ ଜହ୍ନମାମୁ ସରଗଶଶୀ
ମୋ କାହ୍ନୁ ହାତରେ ପଡ଼ୁ ଖସି ।
ମୋ କାହ୍ନୁରେ ତୋତେ କରିବ ଗେଲ
ଖାଇବାକୁ ଦେବ ଲବଣୀ ସର
ଖାଇକରି ତୁହି ହୋଇବୁ ଖୁସି
ଆ ଜହ୍ନମାମୁ ସରଗଶଶୀ ।
ଆ ଜହ୍ନମାମୁ ଓହ୍ଲେଇ ଆ
ମୋ ଧନମଣିକୁ ଚିହ୍ନେଇ ଯାଆ ।
ଆଣିବୁ ତା' ପାଇଁ ନାଲିଆ ଛତା
ମୁଣ୍ଡକୁ ପଗଡ଼ି ପାଦକୁ ଯୋତା ।
ଶୁଆ ଥଣ୍ଟ ପରି ନାଲିଆ ଜାମା
ଆଣି ତା' ପାଖରେ କରିବୁ ଜମା ।
ଆ ଜହ୍ନମାମୁ ସରଗଶଶୀ
ମୋ କାହ୍ନୁ... ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### କୁହୁକ ମାଠିଆ

ଖରାଦିନ । ରାଧୁଆ ଦୋକାନରେ ବସିଥାଏ । ଜଣେ ବୁଢ଼ାଲୋକ ଆସିଲେ । ରାଧୁଆକୁ ପାଣି ପିଇବାକୁ ମାଗିଲେ । ରାଧୁଆ ପାଖରେ ଗୋଟିଏ ପାଣି ମାଠିଆ ଥିଲା । ସେ ସେଇଟି ବୁଢ଼ାଲୋକଙ୍କୁ ଦେଲା । ବୁଢ଼ାଲୋକ ଜଣକ ଢକ ଢକ କରି ସବୁତକ ପାଣି ପିଇଦେଲେ । ସେଠାରୁ ଚାଲିଗଲେ । କିଛି ସମୟ ପରେ ରାଧୁଆ ଦେଖିଲା ମାଠିଆରେ ପୂରା ପାଣି ଅଛି । ତାକୁ ଜାବ ଲାଗିଲା । ସେତିକିବେଳେ ଜଣେ ଲୋକ ସାଇକେଲ୍‌ରେ ସେଇ ବାଟେ ଗଲା । ହଠାତ୍ ସାଇକେଲ୍ ଚକା ଫାଟିଯିବାରୁ ସେ କଚାଡ଼ି ହୋଇ ପଡ଼ିଗଲା । ତା' ଗୋଡ଼ ହାତରୁ ରକ୍ତ ବାହାରିଲା । ରାଧୁଆ ଧାଇଁ ଯାଇ ସେ ଲୋକକୁ ଉଠାଇଲା । ଦୋକାନରେ ବସାଇଲା । ମାଠିଆର ପାଣି ପିଇବାକୁ ଦେଲା । ପାଣି ପିଇବା ମାତ୍ରେ ତା' ଦେହ ଭଲ ହୋଇଗଲା । ରକ୍ତ ବି ଶୁଖିଗଲା । ଗାଁ ଲୋକ ଏକଥା ଜାଣିଲେ । ଏଣିକି କାହାର ରୋଗ ହେଲେ ସେ ରାଧୁଆ ଦୋକାନକୁ ଆସେ । କୁହୁକ ମାଠିଆର ପାଣି ପିଏ । ତା' ଦେହ ଭଲ ହୋଇଯାଏ । ମାଠିଆର ପାଣି କେବେ ସରେନି । ଲୋକମାନେ ରାଧୁଆକୁ ଅଳପ ଅଳପ ପଇସା ଦିଅନ୍ତି । ତା'ର ଭଲ ରୋଜଗାର ହୁଏ ।

ଦିନେ ରାଜାଙ୍କ ସିପାହୀ ଆସିଲେ । ରାଣୀଙ୍କ ଦେହ ଭଲ ନଥିଲା । ରାଧୁଆକୁ ରାଜା ଡକାଇଥିଲେ । ସେତିକିବେଳେ ଜଣେ ବୁଢ଼ାଲୋକ ଆସିଲେ । ରାଧୁଆକୁ ପାଣି ପିଇବାକୁ ମାଗିଲେ । ରାଧୁଆ ବୁଢ଼ାଲୋକଙ୍କୁ ପାଣି ଦେଲାନାହିଁ । ସିପାହୀଙ୍କ ସହ ରାଜଉଆସକୁ ପଳାଇଲା । ସେଠାରେ ଯାଇ ଦେଖିଲା ତା' ମାଠିଆ ପୂରା ଖାଲି । ରାଜା ରାଧୁଆ ଉପରେ ରାଗିଗଲେ । ତାକୁ ଉଆସରୁ ବାହାର କରିଦେଲେ । ରାଧୁଆ ମନଦୁଃଖରେ ଗାଁକୁ ଫେରିଲା । ସେ ନିଜ ଭୁଲ ବୁଝିପାରିଲା । ବୁଢ଼ାଲୋକଙ୍କୁ ପାଣି ପିଇବାକୁ ଦେଇ ନଥିବାରୁ ତା' କୁହୁକ ମାଠିଆରୁ ପାଣି ସରିଗଲା ।

### ଅକଲ ମକଲ ଟକଲ ଟିଆଁ





ଅକଲ ମକଲ ଟକଲ ଟିଆଁ
ହନୁ ମାଙ୍କଡ଼ ହୋଇଛି ଠିଆ ।
ବିଲେଇ ନାନୀ ହେଉଛି ବାହା
ଠେକୁଆ ଭାଇ ଧରିଛି ରାହା
ଅଜାଘର ଯିବ ଆମ ଠେକୁଆ

ଅକଲ ମକଲ ଟକଲ ଟିଆଁ
ଟିଁ ଟିଁ କରେ କୁକୁଡ଼ା ଚିଆଁ
କଦଳୀ ଖାଉଛି ଗଛରେ ଶୁଆ
ମାଳତୀ ନାନୀ ଜାଳୁଛି ନିଆଁ
ଅକଲ ମକଲ ଟକଲ ଟିଆଁ
ହନୁ ମାଙ୍କଡ଼............... ।






ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-৩

ଆସ, ବିନ୍ଦୁ ଯୋଡ଼ି ଚିତ୍ର କରିବା । ରଙ୍ଗ ଦେବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଚତୁର୍ଥ ସପ୍ତାହ

## ଆମ ପଶୁପକ୍ଷୀ

### ଅଭିନୟ ଗୀତ : ଗାଈ ରହେ ଗୁହାଳରେ

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।





ଗାଈ ରହେ ଗୁହାଳରେ
ଘୋଡ଼ାଶାଳେ ଘୋଡ଼ା ରହେ
ପକ୍ଷୀ ଥାଏ ଗଛ ଡାଳରେ
ମୁନୀ ରହେ ମାଆ କୋଳରେ
ଗଛ କୋରଡ଼େ ପେଚା ରହେ
ଘରେ ସିନା କୁକୁର ରହେ

ବାଘ, ହାତୀ ବଣରେ
ପୁଷି ଚୁଲି କଣରେ ।
ମାଛ ରହେ ଜଳରେ
ଶୋଇଯିବା ବେଳରେ ।
ହୁଁ, ହୁଁ...... କହେ
ମାଲିକ ପଛେ ଧାଏଁ ।





**ସମତାନ ଶବ୍ଦ**

| | | |
|---|---|---|
| ବଣରେ | - | କଣରେ |
| ଡାଳ | - | ଜଳ |
| କୋଳ | - | ବେଳ |
| ରହେ | - | କହେ |
| ରହେ | - | ଧାଏଁ |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୪

# କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________


ଆସ, ଚିତ୍ର ଦେଖି ପଶୁପକ୍ଷୀମାନଙ୍କୁ ଚିହ୍ନିବା ଓ ସେମାନଙ୍କ ନାମ କହିବା ।

















ଆସ, ଚିତ୍ରରେ ଥିବା ପଶୁପକ୍ଷୀମାନଙ୍କ ଭିତରୁ କିଏ ଘରେ ରହେ ଓ କିଏ ବଣରେ ରହେ, ବାପାମାଆଙ୍କଠାରୁ ବୁଝିବା, ଜାଣିବା ଓ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

ଦିନାଙ୍କ ____________

## ଶିକ୍ଷଣକାର୍ଯ୍ୟ : ଠେକୁଆଭାଇ

ଆସ, ଅଭିନୟ କରି ଗୀତଟି ଗାଇବା ।

ଠେକୁଆଭାଇରେ ଭାଇ ଠେକୁଆ
କାନ ଦୁଇଟିକୁ କରିଛୁ ଠିଆ
ଖୁପୁରୁ ଖୁପୁରୁ ମାରୁଛୁ ଡ଼ିଆଁ ।
ଖାଇ ଦେଉଥାଉ କଅଁଳ ଘାସ
ଆଡ଼ିକି ସାଡ଼ିକି ଚାହିଁଚାହିଁକା,
ଟିକିଏ ଶବଦ ଶୁଣୁ ତୁ ଯେବେ
ବୁଦାମୂଳେ ଯାଉ ଲୁଚିଲୁଚିକା ।
ବଡ଼ ଡରୁଆ ତୁ ବଡ଼ ଡରକା
ସବୁବେଳେ ଯାଉ ଡେଇଁଡେଇଁକା ।
ଠେକୁଆଭାଇରେ...... ।

## କଥୋପକଥନ

### ପଶୁପକ୍ଷୀ

ଆସ କହିବା -

- କେଉଁ କେଉଁ ପଶୁପକ୍ଷୀ ଘରେ ରହନ୍ତି ?
- କେଉଁ କେଉଁ ପଶୁ ଜଙ୍ଗଲରେ ରହନ୍ତି ?
- ପିମ୍ପୁଡ଼ି, ଜନ୍ଦା କେଉଁଠି ରହନ୍ତି ?
- ଜଙ୍ଗଲରେ ବାଘ, ସିଂହ କଣ ଖାଆନ୍ତି ?
- ଚଢ଼େଇମାନେ କେଉଁଠି ରହନ୍ତି ?
- ତୁମେ ଜାଣିଥିବା ପଶୁପକ୍ଷୀମାନଙ୍କ ନାମ କୁହ ।

ପିତାମାତା, ପିଲାମାନଙ୍କ ସହ ପଶୁପକ୍ଷୀମାନଙ୍କ ବିଷୟରେ ଉପର ପ୍ରଶ୍ନମାନ ପଚାରି ଆଲୋଚନା କରିବେ ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

**ଆସ, ଚିତ୍ର ଦେଖି ଆମେ ଘରେ ପାଳୁଥିବା ପଶୁପକ୍ଷୀଙ୍କ ନାମ କହିବା ।**



**ଆସ, ବାପାମାଆଙ୍କୁ ପଚାରି ଘରେ ପାଳୁଥିବା ଅନ୍ୟ ପଶୁପକ୍ଷୀଙ୍କ ନାମ ଜାଣିବା ।**

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# ବିନ୍ଦୁ ଯୋଡ଼ କାର୍ଯ୍ୟ

ଦିନାଙ୍କ ____________

ଆସ ବିନ୍ଦୁ ଯୋଡ଼ି ପଶୁମାନଙ୍କୁ ଖାଦ୍ୟ ପାଖରେ ପହଞ୍ଚାଇବା ।



## ପଢ଼ିବା

| | |
|---|---|
| ଠେକୁଆ | ଗାଜର |
| କୁକୁର | ହାଡ଼ |
| ବିଲେଇ | ମାଛ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# କାର୍ଯ୍ୟପର୍ଦ୍ଧ-୩

ଦିନାଙ୍କ ____________

ଆସ, ଚିତ୍ର ଦେଖି ବଣରେ ରହୁଥିବା ପଶୁପକ୍ଷୀମାନଙ୍କ ନାମ କହିବା ।



ଆସ ବଣରେ ରହୁଥିବା ଅନ୍ୟ ପଶୁପକ୍ଷୀଙ୍କ ନାମ ବାପାମାଆଙ୍କ ଠାରୁ ବୁଝିବା ଓ ଜାଣିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

ଦିନାଙ୍କ ______________

# ଗଳ୍ପ କଥନ: ଗପୁଡ଼ି କଇଁଛ

**ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।**

ଗୋଟିଏ ପୋଖରୀରେ ଅନେକ ମାଛ, ବେଙ୍ଗ ଓ କଇଁଛ ରହୁଥିଲେ । ସେହି ପୋଖରୀରେ ରହୁଥିବା ଗୋଟିଏ କଇଁଛ ସହିତ ଦୁଇଟି ବଗର ବନ୍ଧୁତା ଥିଲା । କଇଁଛଟି ଭାରି ଗପୁଡ଼ି ଥିଲା । ବହୁଦିନ ବର୍ଷା ନ ହେବାରୁ ପୋଖରୀର ପାଣି ଶୁଖିଗଲା । ଲୋକମାନେ ସେ ପୋଖରୀରୁ ମାଛ ଓ କଙ୍କଡ଼ା ଧରିବାକୁ ଆସିଲେ । ଏକଥା ଦେଖି କଇଁଛ ଡରିଗଲା । କିନ୍ତୁ ବଗ ଦୁଇଜଣ ତାକୁ ସାହସ ଦେଇ କହିଲେ - ''ସାଙ୍ଗ, ଆଦୌ ଡର ନାହିଁ । ଆମେ ତୁମକୁ ପାଖରେ ଥିବା ବଡ଼ ପୋଖରୀକୁ ନେଇଯିବୁ ।'' ବଗ ଦୁଇଟି, ଗୋଟିଏ ବାଡ଼ିର ମଝିକୁ କଇଁଛକୁ କାମୁଡ଼ି ଧରି ରହିବାକୁ କହିଲେ ଓ ନିଜେ ବାଡ଼ିର ଦୁଇପଟ କାମୁଡ଼ି ଧରି ଉଡ଼ିଗଲେ । କଇଁଛ ଆକାଶରେ ଉଡୁଥିବାର ଦେଖି ପିଲାମାନେ ହସିଲେ । ଗପୁଡ଼ି କଇଁଛ ସେମାନଙ୍କୁ ହସିବାର ଦେଖି ରାଗିଗଲା ଓ କହିଲା - ''ବଗୁଲିଆ ଟୋକା, ମତେ ଦେଖି ହସୁଛ...'' ଏତିକି କହିଛି କି ନାହିଁ, କଇଁଛ ଦୁମ୍ କରି ତଳେ ଖସି ପଡ଼ିଲା ।

ପ୍ରଶ୍ନ -

- କେଉଁମାନେ ପୋଖରୀରେ ରହୁଥିଲେ ?
- କଇଁଛର କିଏ ସାଙ୍ଗ ଥିଲେ ?
- ବଗ ଦୁଇଜଣଯାକ କଇଁଛକୁ କିପରି ବଡ଼ ପୋଖରୀକୁ ନେଉଥିଲେ ?
- କଇଁଛ କଥା କହିବାରୁ କ'ଣ ହେଲା ?

**ମୁଖ୍ୟ ଶବ୍ଦ**

ବଗ, କଇଁଛ, ପୋଖରୀ, ଗପୁଡ଼ି, ବାଡ଼ି



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# କାର୍ଯ୍ୟପର୍ଦ୍ଦ-୪

ଦିନାଙ୍କ ____________

ଚିତ୍ର ଦେଖିବା । ଚିଡ଼ିଆଘରେ ରହୁଥିବା ପଶୁପକ୍ଷୀମାନଙ୍କ ବିଷୟରେ ଜାଣିବା ଓ କହିବା ।

କେତେକ ପଶୁପକ୍ଷୀଙ୍କୁ ଚିଡ଼ିଆଖାନାରେ ରଖା ଯାଇଥାଏ । ଆସ ଚିତ୍ର ଦେଖିବା । ବାପାମାଆଙ୍କୁ ପଚାରି ଚିତ୍ରରେ ଥିବା ପଶୁପକ୍ଷୀଙ୍କ ବିଷୟରେ ଜାଣିବା ।





ଓଡ଼ିଶାର ପ୍ରସିଦ୍ଧ 'ନନ୍ଦନକାନନ', ଭୁବନେଶ୍ୱରଠାରେ ଅଛି । ଆସ ବାପାମାଆଙ୍କୁ ପଚାରି ନନ୍ଦନକାନନ ବିଷୟରେ ଜାଣିବା ।


ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# ଆସ, ଚିହ୍ନ ଅନୁସାରେ ଚିତ୍ର କରିବା





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# କାର୍ଯ୍ୟପର୍ଦ୍ଦ-୫


ଦିନାଙ୍କ ____________

ଆସ, ଚିତ୍ର ଦେଖି ଉପକାରୀ ପଶୁପକ୍ଷୀମାନଙ୍କୁ ଚିହ୍ନିବା ଓ ସେମାନଙ୍କଠାରୁ ପାଉଥିବା ଉପକାର ବିଷୟରେ କହିବା ।



କେତେକ ପଶୁପକ୍ଷୀଙ୍କୁ ଆମେ ଘରେ ପାଳନ କରୁ । ସେମାନଙ୍କଠାରୁ ଆମେ ବହୁତ ଉପକାର ପାଉ । ଆସ, ବାପାମାଆଙ୍କୁ ପଚାରି ସେମାନଙ୍କଠାରୁ ପାଉଥିବା ଉପକାର ବିଷୟରେ ଜାଣିବା ।

ଆସ ରଙ୍ଗ ଦେବା:-



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪


## କାର୍ଯ୍ୟଫର୍ଦ୍ଦ-୬

ଦିନାଙ୍କ ____________


ଆସ, ବାପାମାଆଙ୍କୁ ପଚାରି କେଉଁ ପଶୁ ବା ପକ୍ଷୀ କେଉଁଠି ରୁହନ୍ତି ଜାଣିବା । ଚିତ୍ର ଦେଖି ପଶୁପକ୍ଷୀଙ୍କୁ ତାଙ୍କ ରହୁଥିବା ଜାଗା ସହ ଗାର ଟାଣି ମିଳାଇବା ।



ପେଚା



ଗୁହାଳ



ବାଘ


ବଣ


ଗାଈ


ପୋଖରୀ


ବତକ


ଗଛ କୋରଡ଼

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ମାଙ୍କଡ଼ ଓ କୁମ୍ଭୀର

ନଈକୂଳରେ ଜାମୁଗଛଟିଏ ଥାଏ । ଜାମୁଗଛରେ ମାଙ୍କଡ଼ଟିଏ ରହେ । ପ୍ରତିଦିନ ମିଠାମିଠା ଜାମୁକୋଳି ଖାଏ । ପାଣିରେ କୁମ୍ଭୀରଟିଏ ରହୁଥାଏ । ସେ ପ୍ରତିଦିନ କୂଳକୁ ଆସେ । ମାଙ୍କଡ଼ ତାକୁ ଜାମୁକୋଳି ଖାଇବାକୁ ଦିଏ । ଦୁଇଜଣ ମିତ ହୋଇଥାଆନ୍ତି । ଦିନେ କୁମ୍ଭୀର ତା' ସ୍ତ୍ରୀ ପାଇଁ ଜାମୁକୋଳି ନେଇଗଲା । କୁମ୍ଭୀରର ସ୍ତ୍ରୀ କୋଳି ଖାଇଲା । କୁମ୍ଭୀରର ସ୍ତ୍ରୀ କହିଲା-ମାଙ୍କଡ଼ ସବୁଦିନ ଏ ମିଠାକୋଳି ଖାଉଛି । ତା' କଲିଜା ବହୁତ ମିଠା ହୋଇଥିବ । ଆଜି ତାକୁ ଡାକି ଆଣିବ । ମୁଁ ତା' କଲିଜା ଖାଇବି । କୁମ୍ଭୀର ବିଚରା କ'ଣ କରିବ ? ଜାମୁକୋଳି ଗଛ ପାଖକୁ ଗଲା । ମୁହଁ ଶୁଖାଇ ବସିଲା । ମାଙ୍କଡ଼ କୁମ୍ଭୀରକୁ ପଚାରିଲା- କ'ଣ ହେଇଛି କି ମିତ ? କୁମ୍ଭୀର କହିଲା- ''ତୁମ ମିତଣୀ ତୁମକୁ ଘରକୁ ଡାକିଛନ୍ତି । ମୁଁ ତୁମକୁ ପିଠିରେ ବସେଇ ଆମ ଘରକୁ ନେଇଯିବି । ମାଙ୍କଡ଼, କୁମ୍ଭୀର ପିଠିରେ ବସିଲା । ମଝିନଈରେ କୁମ୍ଭୀର କହିଲା- ଜାଣିଛ ମିତ, ମୋ ସ୍ତ୍ରୀ ତୁମ କଲିଜା ଖାଇବ । ସେଥିପାଇଁ ମୁଁ ତୁମକୁ ନେଉଛି । ମାଙ୍କଡ଼ ଡରିଗଲା । ସେ ଟିକିଏ ଭାବି କୁମ୍ଭୀରକୁ କହିଲା-ମିତ ଏକଥା ଆଗରୁ କହିଲ ନାହିଁ । ମୁଁ ତ ମୋ କଲିଜାକୁ ଗଛ କୋରଡ଼ରେ ରଖିଛି । ଚାଲ, ଚାଲ ତାକୁ ଆଣିବା । ମାଙ୍କଡ଼ କଥା ମାନି କୁମ୍ଭୀର ଫେରିଲା । ନଈକୂଳରେ ମାଙ୍କଡ଼, କୁମ୍ଭୀର ପିଠିରୁ ଡେଇଁପଡିଲା । ଜାମୁଗଛ ଉପରକୁ ଚଢ଼ିଗଲା । କୁମ୍ଭୀରକୁ କହିଲା- ''ଆରେ ବୋକା କୁମ୍ଭୀର । ଜଲଦି ଏଠୁ ପଳା । କାହାର କ'ଣ ଦେହ ବାହାରେ କଲିଜା ଥାଏ ?'' କୁମ୍ଭୀର ମନଦୁଃଖରେ ସେଠୁ ଚାଲିଗଲା ।





### ବାଇ ବରବର ବାଉଟି ଗୋଟିଲୋ

ବାଇ ବରବର ବାଉଟି ଗୋଟିଲୋ
ବାଟେ କରିବୁନି ବସା
ବାବୁନିଟି ଆମ ବଡ଼ ଦୁଷ୍ଟ ପିଲା
ଭାଙ୍ଗି ଦେବ ତୋ'ର ବସା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ବୁଢ଼ା ଶାଗୁଣା




ବରଗଛଟିଏ ଥିଲା । ସେ ଗଛରେ ଅନେକ ଚଢ଼େଇ ରହୁଥିଲେ । ବସାରେ ସେମାନଙ୍କର ଛୁଆମାନେ ବି ଥିଲେ । ଗଛକୋରଡ଼ରେ ଶାଗୁଣାଟିଏ ରହୁଥିଲା । ସେ ବୁଢ଼ା ହୋଇଯାଇଥିଲା । କିଛି ଦେଖି ପାରୁନଥିଲା । ମା ଚଢ଼େଇମାନେ ଶାଗୁଣାକୁ ସବୁଦିନ ଖାଇବାକୁ ଦିଅନ୍ତି । ବୁଢ଼ାଶାଗୁଣା ଚଢ଼େଇଛୁଆଙ୍କୁ ଜଗି ଥାଏ । ଦିନେ ବିଲେଇଟିଏ ଆସିଲା । ଚଢ଼େଇଛୁଆଙ୍କୁ ଦେଖି ସେମାନଙ୍କୁ ଖାଇବାକୁ ଲୋଭ କଲା । ମାଆ ଚଢ଼େଇମାନେ ବସାରେ ନ ଥିଲେ । ବିଲେଇ ଗଛ ଉପରକୁ ଚଢ଼ିଲା । ତାକୁ ଦେଖି ଚଢ଼େଇ ଛୁଆମାନେ କିଚିରିମିଚିରି କଲେ । ଶାଗୁଣା ବାହାରକୁ ବାହାରିଲା । ବିଲେଇ ଶାଗୁଣାକୁ ଦେଖି ଡରିଗଲା । ସେଠାରୁ ପଳାଇଲା । ତା' ପରଦିନ ପୁଣି ଆସିଲା । ଶାଗୁଣା ସହ କଥା ହେଲା । ସବୁଦିନ ବିଲେଇ ଆସେ । ଚଢେଇ ଛୁଆମାନେ ତାକୁ ଦେଖନ୍ତି । ଧୀରେ ଧୀରେ ବିଲେଇ ଗଛ ଉପରକୁ ଗଲା । ଚଢ଼େଇଛୁଆମାନେ ଆଉ ବିଲେଇକୁ ଡରିଲେ ନାହିଁ ।

ଆଉ ଦିନକର କଥା । ଖରାବେଳେ ବିଲେଇ ଆସିଲା । ଶାଗୁଣା ତା' କୋରଡ଼ରେ ଶୋଇ ପଡ଼ିଥିଲା । ବିଲେଇ ଚୁପ୍‌ଚାପ୍ ଗଛ ଉପରକୁ ଗଲା । ସବୁ ଚଢ଼େଇଛୁଆଙ୍କୁ ଖାଇଦେଲା । ହାଡ଼ ଓ ପରତକ ଆଣି ଶାଗୁଣା ବସାରେ ରଖିଦେଲା । ସନ୍ଧ୍ୟାବେଳେ ମାଆ ଚଢ଼େଇମାନେ ଆସିଲେ । ଶାଗୁଣା ତାଙ୍କ ଛୁଆମାନଙ୍କୁ ଖାଇଦେଇଛି ବୋଲି ଭାବିଲେ । ସବୁ ଚଢ଼େଇ ମିଶି ଶାଗୁଣାକୁ ମାରିଦେଲେ । ବିଚରା ଶାଗୁଣା ଦୁଷ୍ଟ ବିଲେଇକୁ ବିଶ୍ୱାସ କରି ନିଜ ଜୀବନ ହରାଇଲା ।

### ଘୁମୁରୁ ଘୁମୁରୁ ଘୁମୁରୁ ପାରା

ଘୁମୁରୁ ଘୁମୁରୁ ଘୁମୁରୁ ପାରା
ଉଡ଼ିଗଲେ ଆଉ ନଦିଏ ଧରା
ଘୁମୁରୁ ଘୁମୁରୁ ଘୁମୁରୁ ପାରା
ଉଡ଼ିଗଲେ ଆଉ ନଦିଏ ଧରା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

## ଆସ, ବିନ୍ଦୁ ଯୋଡ଼ି ଚିତ୍ର କରିବା । ରଙ୍ଗ ଦେବା ।



ଠେକୁଆ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ପଞ୍ଚମ ସପ୍ତାହ

## ଆମକୁ ସାହାଯ୍ୟ କରୁଥିବା ଲୋକ

## ଅଭିନୟ ଗୀତ : ମାଟିକାମ କର ବୁଲାଇ ଚକି

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।



ମାଟିକାମ କର ବୁଲାଇ ଚକି
ଗଢୁଛ କେତେ ହାଣ୍ଡି ଓ ଠେକି !
ପଇସା ଗୋଟିଏ ନେବ କି ?
ହାଣ୍ଡି ଗୋଟିଏ ଦେବ କି ?

ଲୁହାକାମ ପାଇଁ ଜଳୁଛି ଶାଳ
ଗମ୍‌ଗମ୍ ବହେ ଦେହରୁ ଝାଳ ।
ଟାଇଁଟାଇଁ କରି ପିଟୁଛ ଲୁହା
ଗଢୁଛ କେତେ କୋଦାଳ ଦାଆ ।
ପଇସା ଗୋଟିଏ ନେବ କି ?
ଦାଆ ଗୋଟିଏ ଦେବ କି ?



**ସମତାନ ଶବ୍ଦ**

| | | |
|---|---|---|
| ଚକି | - | ଠେକି |
| ନେବ | - | ଦେବ |
| ଶାଳ | - | ଝାଳ |
| ଲୁହା | - | ଦାଆ |
| ଗଢୁଛ | - | ପିଟୁଛ |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-৫

## କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________

ଆସ, ଚିତ୍ର ଦେଖି ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ, ଚିହ୍ନିବା ଓ ସେମାନଙ୍କ ନାମ କହିବା ।



ଶିକ୍ଷୟିତ୍ରୀ



ସେବିକା (ନର୍ସ)



ପାଇଲଟ୍



ଡାକ୍ତର



ଡାକବାଲା




ଇଂଜିନିୟର

ଆସ, ବାପାମାଆଙ୍କୁ ପଚାରି ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କ ବିଷୟରେ ଜାଣିବା ଓ କହିବା ।

- ଶିକ୍ଷୟିତ୍ରୀ ଭଲ ଶିକ୍ଷା ଦିଅନ୍ତି ।
- ସେବିକା ରୋଗୀ ସେବା କରନ୍ତି ।
- ପାଇଲଟ୍ ବିମାନ ଚଲାନ୍ତି ।
- ଡାକ୍ତର ରୋଗୀ ଦେଖନ୍ତି ।
- ଇଂଜିନିୟର ନିର୍ମାଣ କାର୍ଯ୍ୟ କରନ୍ତି ।
- ଡାକବାଲା ଚିଠି ଦିଅନ୍ତି ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

ଦିନାଙ୍କ ____________

## ଶିକ୍ଷଣକାର୍ଯ୍ୟ: ମୁଁ ବଡ଼ ହେଲେ ଡାକ୍ତର ହେବି

ଆସ, ଅଭିନୟ କରି ଗାଇବା ।



ବଡ଼ ହେଲେ ମୁଁ
ଡାକ୍ତର ହେବି
ରୋଗୀ ଦେଖିବି
ଔଷଧ ଦେବି
ରୋଗକୁ ଦେବି ତଡ଼ି ।
ବାତ ବେମାର
ପେଟ ଖରାପ,
କଫ କି ଜ୍ୱର
ସଭିଏଁ ଯିବେ ଉଡ଼ି ।

## କଥୋପକଥନ

### ବିଭିନ୍ନ କାମ

- ବାପାମାଆ, ପିଲାମାନଙ୍କ ସହ ଆମକୁ ସାହାଯ୍ୟ କରୁଥିବା ଲୋକଙ୍କ କାମ ବିଷୟରେ ଆଲୋଚନା କରିବେ ।
- ତଳଲିଖିତ ଲୋକମାନେ କ'ଣ କରନ୍ତି ?

| | | |
|---|---|---|
| - ଶିକ୍ଷକ | - ଡାକବାଲା | - ଡାକ୍ତର |
| - ଦୋକାନୀ | - ପୋଲିସ୍ | - ଚାଷୀ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

**ଆସ, ଚିତ୍ର ଦେଖିବା । ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଚିହ୍ନିବା ଓ ଉପକାର ପାଉଥିବା କାମର ନାମ କହିବା ।**

ଲୁହାକାମ





ସୂତାକଟା କାମ


ଜୋତା ତିଆରି କାମ





ଫଟୋ ବନ୍ଧେଇ କାମ


**ଆସ, ବାପାମାଆଙ୍କୁ ପଚାରି ବିଭିନ୍ନ କାମର ନାମ ଜାଣିବା ଓ ସେଥିରୁ ପାଉଥିବା ଉପକାର ବିଷୟରେ ବୁଝିବା ଓ କହିବା ।**



ମାଛଧରା କାମ




ସେବା କରିବା କାମ



ଦୋକାନ କାମ



ରୋଷେଇ କାମ



ବଗିଚା କାମ



ଜଗିବା କାମ



ଗାଡ଼ି ଚଳାଇବା କାମ



ଘରତିଆରି କାମ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

ଆସ, ଚିତ୍ର ଦେଖିବା। ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଚିହ୍ନିବା, ସେମାନଙ୍କ ନାମ କହିବା ଓ ଛବିସହ ଲେଖାକୁ ଗାରଟାଣି ଯୋଡ଼ିବା।




ସୈନିକ

କ୍ଷୀରବାଲା



କ୍ଷୀରବାଲା

ଝାଡୁଦାର



ଝାଡୁଦାର

ସୈନିକ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

ଦିନାଙ୍କ ____________

## ଗଳ୍ପ କଥନ: କଲୁରୀବେଣ୍ଟ କଥା

ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରୁ ଦେଖିବା ଓ ଚିହ୍ନିବା ।

ଗୋଟିଏ ଗାଁରେ ବୁଢ଼ୀଟିଏ ଥିଲା । ସେ ଥରେ ବାଟରେ ଯାଉଯାଉ କଲରା ମଞ୍ଜିଟିଏ ପାଇଲା । ସେହି କଲରା ମଞ୍ଜିକୁ ବାରିପଟେ ଲଗାଇ ବୁଢ଼ୀ ମାଉସୀ କହିଲା, ''ମଞ୍ଜିରେ, ମଞ୍ଜି । କାଲିକୁ ଯଦି ଗଜା ନହେବୁ, ତେବେ କମାର ଘର କଟୁରୀରେ ହାଣିଦେବି ।''

ସତକୁ ସତ ମଞ୍ଜି ତରିଯାଇ ତା' ପରଦିନ ଗଜା ହୋଇଗଲା । ପୁଣି ବୁଢ଼ୀ ମାଉସୀ ଆସି କହିଲା, ''କାଲିକୁ ଯଦି ଗଛ ହୋଇ ନଥିବୁ ତେବେ କମାର ଘର ଦାଆ' ଆଣି କାଟିଦେବି ।''

ସତକୁ ସତ ତା' ପରଦିନ ବୁଢ଼ୀ ମାଉସୀ ଦେଖିଲା ବେଳକୁ ଗଛରେ ଫୁଲ, ଫଳ ହୋଇଛି ଓ ୫ଟି କଲରା ପାଚି ଲାଲ୍ ଟୁକ୍‌ଟୁକ୍ ଦିଶୁଛି । ବୁଢ଼ୀ ମାଉସୀ କଲରାକୁ ଜଗି ବସିଲା । ଏତିକିବେଳେ ଗୋଟିଏ କାଉ ସେଇ ପଟେ ଯାଉଥିଲା । ପାଚିଲା କଲରାକୁ ଦେଖି ତା' ପାଟିରୁ ଲାଳ ବୋହିଲା । ସେ ବୁଢ଼ୀ ମାଉସୀକୁ କହିଲା, ''ମାଉସୀ, ମୋତେ ଗୋଟିଏ ପାଚିଲା କଲରା ଦେ ।'' ମାଉସୀ କହିଲା, ''ନେବୁ ଯେ, ଯା' ଆଗ କୂଅରୁ ପାଣି ଆଣି ଥଣ୍ଟଟା ଧୋଇ ଦେବୁ ।'' କାଉ ଉଡ଼ିଉଡ଼ି କୂଅ ପାଖକୁ ଗଲା ଓ କହିଲା, ''ଦେ କୂଅ, ଦେ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।''

କୂଅ କହିଲା, ''ପାଣି ଦେବି ଯେ, ଯା' କୁମ୍ଭାର ଘରୁ ଗୋଟିଏ ମାଠିଆ ଆଣିବୁ ।'' କାଉ ଉଡ଼ିଉଡ଼ି କୁମ୍ଭାର ଘରକୁ ଗଲା ଓ କହିଲା, ''ଦେ କୁମ୍ଭାର, ଦେ ମାଠିଆ, ... ଆଣେ ପାଣି, ଧୁଏ ଥଣ୍ଟ, ଧାଇଁଧାଇଁ ଖାଏ କଲୁରୀବେଣ୍ଟ ।'' କୁମ୍ଭାର କହିଲା, ''ଦେବି ଯେ ,ମୋ ପାଖରେ ମାଟି ନାହିଁ । ଯା, ମାଟି ଆଣିବୁ । ମୁଁ ମାଠିଆ ତିଆରି କରି ତୋତେ ଦେବି ।'' କାଉ ପୁଣି ଉଡ଼ିଉଡ଼ି କମାର ପାଖକୁ ଗଲା ଓ କହିଲା, ''ଦେ କମାର, ଦେ କୋଦାଳ, ଖୋଳୁ ମାଟି, ଗଢୁ କୁମ୍ଭାର କଳସ ଗୋଟି, କାଢ଼େ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀବେଣ୍ଟ ।'' କମାର କାଉକୁ କୋଦାଳ ଦେଲା । କାଉ କୋଦାଳ ନେଇ ମାଟି ଆଣିଲା । କୁମ୍ଭାରକୁ ମାଟି ଦେଲା । କୁମ୍ଭାର ମାଟିରେ ମାଠିଆ କରି କାଉକୁ ଦେଲା । କାଉ ମାଠିଆରେ କୂଅରୁ ପାଣି ଆଣିଲା । ଥଣ୍ଟ ଧୋଇଲା । ବୁଢ଼ୀ ମାଉସୀ ପାଖକୁ ଗଲା । ବୁଢ଼ୀ ଖୁସି ହୋଇ ତାକୁ ପାଚିଲା କଲରାଟିଏ ଦେଲା । କାଉ ପାଚିଲା କଲରା ଖାଇ ଖୁସିରେ ଉଡ଼ିଗଲା ।

### ପ୍ରଶ୍ନ

- କାଉ କୋଦାଳ ନେଇ କ'ଣ କଲା ?
- ମାଟି ନେଇ କାଉ କାହାକୁ ଦେଲା ?
- ମାଟି ନେଇ କୁମ୍ଭାର କ'ଣ କଲା ?
- ମାଠିଆ ନେଇ କାଉ କ'ଣ କଲା ?

**ମୁଖ୍ୟ ଶବ୍ଦ**

**ବୁଢ଼ୀ, କାଉ, କୂଅ, କଲରା, ମାଠିଆ, କୋଦାଳ, ପାଚିଲା**

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## କାର୍ଯ୍ୟପର୍ଦ୍ଦ-୪

ଦିନାଙ୍କ ____________

ଆସ, ଚିତ୍ର ଦେଖିବା । ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଚିହ୍ନିବା, ସେମାନଙ୍କ ନାମ କହିବା ଓ ଲେଖିବା ।



ଡାକବାଲା ଡାକବାଲା



ଡାକ୍ତର ଡାକ୍ତର




ଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ



ନିଆଁ ଲିଭାଳୀ ନିଆଁ ଲିଭାଳୀ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## କାର୍ଯ୍ୟଫର୍ଦ୍ଦ-୫

ଦିନାଙ୍କ ____________

ଆସ, ଚିତ୍ର ଦେଖିବା। ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଚିହ୍ନିବା, ଉପକାର ପାଉଥିବା କାମର ନାମ କହିବା ଓ ଲେଖା ସହ ଚିତ୍ରକୁ ଯୋଡ଼ିବା।


ଚାଷ କାମ

ଲୁଗାସଫା କାମ


ମାଟି କାମ

ସିଲେଇ କାମ


ଲୁଗାସଫା କାମ

ଚାଷ କାମ


ସିଲେଇ କାମ

ମାଟି କାମ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## କାର୍ଯ୍ୟଫର୍ଦ୍ଦ-୬

ଦିନାଙ୍କ ____________

ଆସ, ତଳ ଚିତ୍ରଗୁଡ଼ିକୁ ଦେଖିବା । ଯେଉଁ କାମ ସହ ଯେଉଁ ଜିନିଷର ସମ୍ପର୍କ ଅଛି, ତାକୁ ଗାର ଟାଣି ଯୋଡ଼ିବା ।



ଆସ, ବାପାମାଆଙ୍କୁ ପଚାରି ଆମକୁ ସାହାଯ୍ୟ କରୁଥିବା ଲୋକଙ୍କ ଉପକାର ବିଷୟରେ ଜାଣିବା ଓ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ହରିଣ ଓ କାଉ



ବଣରେ ହରିଣଟିଏ ଥିଲା । ତା'ର ସାଙ୍ଗ କାଉ ଗଛ ଉପରେ ରହୁଥିଲା । ଦିନେ ବିଲୁଆଟିଏ  ଆସିଲା । ହରିଣକୁ ଖାଇବାକୁ ମନ କଲା । ସେଥିପାଇଁ ଗୋଟିଏ ଉପାୟ ଭାବିଲା । ହରିଣ ପାଖକୁ ଗଲା । ତାକୁ କହିଲା- ଗାଁ ପାଖରେ ଧାନବିଲ ଅଛି । ଚାଲ, ସେଠାକୁ ଯାଇ ଧାନ ଖାଇବା । ବିଲୁଆ କଥା ଶୁଣି ହରିଣ ମନରେ ଲୋଭ ଆସିଲା । ଦୁଇଜଣ ସାଥି ହୋଇ ବିଲ ପାଖକୁ ଗଲେ । ହରିଣ ଧାନ ଖାଇଲା । ଏକଥା ଦେଖି କାଉ ହରିଣକୁ ମନା କଲା । ହେଲେ ହରିଣ ତା' କଥା ଶୁଣିଲା ନାହିଁ । ସବୁଦିନ ବିଲୁଆ ଓ ହରିଣ ଧାନବିଲ ପାଖକୁ ଯାଆନ୍ତି । କାଉ ଲୁଚି ଲୁଚି ତାଙ୍କ ପଛରେ ଯାଏ । ଚାଷୀ ଦେଖିଲା ବିଲରୁ ଧାନ କିଏ ଖାଇଯାଉଛି । ସେ ବିଲରେ ଜାଲ ବିଛାଇଲା । ହରିଣ ଜାଲରେ ପଡ଼ିଗଲା । ବିଲୁଆ ସେଠାରୁ ପଳାଇ ଯାଇ ବୁଦାମୂଳେ ଲୁଚି ବସିଲା । କାଉ ହରିଣକୁ ଜାଲରେ ପଡ଼ିଥିବା ଦେଖି ମନଦୁଃଖ କଲା । ତା' ପାଖକୁ ଗଲା । କାଉକୁ ଦେଖି ହରିଣ ଆଖିରୁ  ଲୁହ ବହିଗଲା । କାଉ ହରିଣ କାନରେ ଚୁପ୍‌ଚାପ କ'ଣ କହିଲା । କାଉ କଥା ମାନି ହରିଣ ମଲା ଭଳି ପଡ଼ି ରହିଲା । ଚାଷୀ ଆସିଲା । ହରିଣକୁ ଦେଖି ଭାବିଲା ସେ ମରିଯାଇଛି । ଚାଷୀ ଜାଲ ଖୋଲିଦେଲା । ହରିଣ ଦୌଡ଼ି ପଳାଇଲା । ଚାଷୀ ରାଗିଯାଇ ବାଡ଼ିଟିଏ ପକାଇଲା । ବାଡ଼ିଟି ବୁଦା ପଛରେ ଲୁଚିଥିବା ବିଲୁଆ ଗୋଡ଼ରେ ବାଜିଲା । ତା' ଗୋଡ଼ ଛୋଟା ହୋଇଗଲା । କାଉ ପାଇଁ ହରିଣ ରକ୍ଷା ପାଇଲା । ବିଲୁଆ ନିଜ ଦୁଷ୍ଟ ବୁଦ୍ଧି ପାଇଁ ଛୋଟା ହୋଇ ରହିଲା ।

### ଭାଲୁ ନାଚ କଲା ବଜାଇ ବାଜା

ଝୁମ୍ ଝୁମ୍ ଝୁମ୍ ଝୁମ୍ ତାଳ ପକାଇ
ଭାଲୁ ନାଚ କଲା ବାଜା ବଜାଇ ।
ପେଁ ପେଁ ପେଁ ପେଁ ବାଜେ ମହୁରୀ
ମାଙ୍କଡ଼ ନାଚିଲା ବାଡ଼ିକୁ ଧରି ।
ସିଂହ ନାଚେ ତାଳେ ବଣର ରାଜା
ବିଲୁଆ ମନ୍ତିରୀ ନାଚେ କି ମଜା !
ମିଆଁଉ.... ମିଆଁଉ
ପୁଷିନାନୀ ନାଚେ ରାଣୀ ବେଶରେ
ରୁମୁଝୁମୁ ପାଦ ମହୁରୀ ସୁରେ
ବାଘ ସେନାପତି ବାନ୍ଧି ପଗଡ଼ି
ନିଶକୁ ଫୁଲାଇ ଦେଉଛି ରଡ଼ି ।



କୁ... କୁ...
କୁହୁ କୁହୁ ଶୁଭେ କୋଇଲି ସ୍ୱର
ପୁଚ୍ଛ ଟେକି ରଙ୍ଗେ ନାଚେ ମୟୂର
ଥିଲେ ତହିଁ ଯେତେ ଦେଖଣାହାରୀ
ଗୀତ ନାଚ ଦେଖି ମାରିଲେ ତାଳି
ଝୁମ୍ ଝୁମ୍ ଝୁମ୍ ତାଳ...... ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ



### ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଶୁଆ-ଶାରୀ କଥା

ପାହାଡ଼ ଆରପାଖ ବଣରେ ଶାରୀଟିଏ ରହୁଥାଏ । ଦିନେ ଗୋଟିଏ ଶୁଆ ଉଡ଼ିଉଡ଼ି ଆସି ସେଇଠି ପହଞ୍ଚିଲା । ଶାରୀ ତାକୁ ପାଖରେ ବସାଇଲା । ସେ କେଉଁଠାରୁ ଆସିଛି ବୋଲି ପଚାରିଲା ।

ଶୁଆ କହିଲା- ଜାଣିଲୁ ଶାରୀ, ମୁଁ ଗୋଟିଏ ଡାହାଣୀ ବୁଢ଼ୀ କବଳରୁ ଖସି ଆସିଛି । ଶାରୀ ପଚାରିଲା- କେମିତି ? ଶୁଆ କହିଲା-ବହୁତ ଦୂରରେ ବଣଟିଏ ଅଛି । ଦିନେ ଗୋଟିଏ ସୁନ୍ଦର ଝିଅ ବାଟ ଭୁଲି ଆସି ସେଇଠି ପହଞ୍ଚିଗଲା । ବହୁତ ଚେଷ୍ଟା କଲା । ହେଲେ ସେ ବଣରୁ ବାହାରକୁ ଯାଇପାରିଲା ନାହିଁ । ସେ କାନ୍ଦି ପକାଇଲା । ଏତିକିବେଳେ ଗୋଟିଏ ସୁନ୍ଦର ଧଳାପାରା ଝିଅ ହାତରେ ବସି ପଡ଼ିଲା । ସେ ପାଟିରେ ଗୋଟିଏ ଚାବି ଧରିଥିଲା । ଧଳାପାରା ଝିଅକୁ ଗୋଟିଏ ଗଛର ପାଖକୁ ଯାଇ ଚାବି ଲଗାଇବା ପାଇଁ କହିଲା । ଝିଅଟି ସେହିପରି କଲା । ଯେମିତି ସେ ଗଛରେ ଚାବି ଲଗାଇଲା ସେମିତି କବାଟ ଖୋଲିଗଲା । ଗଛ ଭିତରେ ଗୋଟିଏ କୋଠରୀ ଥିଲା । ସେଠାରେ ଭଲଭଲ ଖାଇବା ଜିନିଷ ଥିଲା । ସୁନ୍ଦର ଖଟଟିଏ ପଡ଼ିଥିଲା । ଝିଅଟି ପାଇଁ ବହୁତ ଭଲଭଲ ଡ୍ରେସ୍ ବି ଥିଲା । ଝିଅଟି ସେଇଠି ରହିଲା । ବେଳେବେଳେ ସେ ବାହାରକୁ ଆସେ । ଧଳାପାରା ବି ଆସେ । ଝିଅଟି ଧଳାପାରା ସହ ଖେଳେ । ଅନେକ ଦିନ ବିତିଗଲା । ଦିନେ ଧଳାପାରା କହିଲା- ''ମୋର ଗୋଟିଏ କାମ କରିଦେବ ।'' ଝିଅଟି ଖୁସିରେ ରାଜି ହେଲା । ପାରା କହିଲା- ''ବଣ ଭିତରେ କିଛି ଦୂର ଗଲେ ଗୋଟିଏ ଘର ପଡ଼ିବ । ସେଇ ଘର ଦୁଆରେ ବୁଢ଼ୀଟିଏ ବସିଥିବ । ସେ ଗୋଟିଏ ଡାହାଣୀ ବୁଢ଼ୀ । ତୁମେ ତାକୁ କିଛି କହିବ ନାହିଁ । ସେଇ ଘର ପଛପଟରେ ଗୋଟିଏ କୋଠରୀ ଅଛି । ସେଇଠି ଅନେକ ଧନରତ୍ନ ଅଛି । ତୁମେ କିଛି ଆଣିବନି । ଖାଲି ସୁନାରେ ତିଆରି ମୁଦିଟିଏ ଦେଖିବ । ସେଇଟି ନେଇ ଆସିବ ।'' ଝିଅ ସେଇଆ କଲା । ବୁଢ଼ୀ ଝିଅକୁ ଦେଖି ପାଟି କଲା । ଡରାଇବାକୁ ଚେଷ୍ଟା କଲା । ଝିଅଟି ଡରିଲା ନାହିଁ । ତା' ପ୍ରିୟ ଧଳାପାରା କଥା ମାନିଲା । ପଛ କୋଠରୀକୁ ଗଲା । ବହୁତ ଖୋଜିଲା । ଶେଷରେ ଦେଖିଲା ଗୋଟିଏ ଶୁଆ ବେକରେ ସୁନା ମୁଦିଟି ଅଛି । ସେ ମୁଦି ଆଣିଲା । ଶୁଆଟିକୁ ଆକାଶରେ ଉଡ଼ାଇଦେଲା । ଝିଅ ମୁଦି ନେଇ ଆସିବାରୁ ଡାହାଣୀ ବୁଢ଼ୀ ତଳେ ପଡ଼ି ମରିଗଲା । ଝିଅଟି ସୁନାମୁଦି ଧରି ଗଛ ପାଖକୁ ଆସିଲା । ସେଠି ଦେଖିଲା ଧଳାପାରା ନାହିଁ । ଜଣେ ରାଜକୁମାର ସେଇଠି ଠିଆ ହୋଇଛନ୍ତି । ସେ ଝିଅକୁ କହିଲେ- ସେଇ ଡାହାଣୀ ବୁଢ଼ୀ ମୋତେ ଯାଦୁବଳରେ ପାରା ଆଉ ମୋ ସୈନ୍ୟ ଓ ଘୋଡ଼ାମାନଙ୍କୁ ଗଛ କରି ଦେଇଥିଲା । ରାଜକୁମାର ଝିଅଠାରୁ ମୁଦି ନେଇ ସବୁଗଛରେ ଛୁଆଁଇ ଦେଲେ । ଗଛମାନେ ସୈନ୍ୟ ଓ ଘୋଡ଼ା ପାଲଟିଗଲେ । ରାଜକୁମାର ଝିଅଟିକୁ ନିଜ ରାଜ୍ୟକୁ ନେଇଗଲେ । ନିଜ ରାଣୀ କରି ରଖିଲେ । ଶୁଆ କହିଲା- ''ଜାଣିଲୁ ଶାରୀ, ଡାହାଣୀ ବୁଢ଼ୀ ମତେ ବି ବନ୍ଦୀ କରି ରଖିଥିଲା । ସେଇ ଝିଅଟି ପାଇଁ ମୁଁ ରକ୍ଷା ପାଇଲି ।''

### ଆସ ଆସରେ ବଣି ଯୋଡ଼ିକ



ଆସ ଆସରେ ବଣି ଯୋଡ଼ିକ
ଆମ ପିଣ୍ଡାରେ ବସ
ଖାଇବାକୁ ଦେବି ତୁମକୁ
ଲବଣୀର ରସ ।

ଖାଇଦେଇ ତୁମେ ହୋଇବ ଖୁସି
ଉଡ଼ିଯିବ ଆମ ପିଣ୍ଡାରେ ବସି
ଆସ ଆସରେ ବଣି ଯୋଡ଼ିକ... ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

## ଆସ, ତଳ ଚିତ୍ରରେ ରଙ୍ଗ ଦେବା ।



ହୋଲି

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଷଷ୍ଠ ସପ୍ତାହ

## ସପ୍ତାହ ଓ ମାସ

## ଅଭିନୟ ଗୀତ : ରବିବାରେ ମାଙ୍କଡ଼ ଏକ

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।



ରବିବାରେ ମାଙ୍କଡ଼ ଏକ- ଗାଁରେ ଗଲା ପଶି
ସୋମବାରେ କୁନି ଘର - ଚାଳେ ବସିଲା ଆସି ।
ମଙ୍ଗଳବାରେ ମାଙ୍କଡ଼ର - ସାହାସ ଗଲା ବଢ଼ି
ବୁଧବାରେ ଦାନ୍ତ ଦେଖାଇ - ପିଲାଙ୍କୁ ଦେଲା ତଡ଼ି ।
ଗୁରୁବାରେ ମାଙ୍କଡ଼ ଯେ - କଲା ଉତ୍ପାତ
ଶୁକ୍ରବାରେ କୁନି ଘରେ - ବସି ଖାଇଲା ଭାତ ।
ଶନିବାରେ ଲୋକମାନେ - ମାଙ୍କଡ଼କୁ ଧରି,
ବଣ ଭିତରେ ନେଇ ଛାଡ଼ିଲେ ତାକୁ ବାନ୍ଧି କରି ।

**ସମତାନ ଶବ୍ଦ**

| | | |
|---|---|---|
| ପଶି | - | ଆସି |
| ବଢ଼ି | - | ତଡ଼ି |
| ଧରି | - | କରି |
| ଗଲା | - | କଲା |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________

## ଚିତ୍ର ଦେଖିବା, ଚିହ୍ନିବା, କହିବା

ଆସ, ରେଳଡ଼ବାରେ ଲେଖାଯାଇଥିବା ସାତବାରର ନାମ କହିବା ଓ ମନେ ରଖିବା ।




ଆସ, ସାତ ବାରର ନାମ ମନେପକାଇ କହିବା । ଉପର ଚିତ୍ର ଦେଖି ବାରର ନାମ ସହ ରଙ୍ଗକୁ ଗାରଟାଣି ଯୋଡ଼ିବା ।

**ସାତ ବାରର ନାମ**

ସୋମବାର
ମଙ୍ଗଳବାର
ବୁଧବାର
ଗୁରୁବାର
ଶୁକ୍ରବାର
ଶନିବାର
ରବିବାର

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

ଦିନାଙ୍କ ___________

## ଶିକ୍ଷଣକାର୍ଯ୍ୟ: ବାର / ଦିନ ଧାରଣା



### କାଳ୍ପନିକ ଖେଳ

### 'ବାର/ଦିନ ଧାରଣା'

- ପିତାମାତା ପିଲାମାନଙ୍କ ସହିତ ବିଭିନ୍ନ ବାର/ଦିନ ବିଷୟରେ କଥାବାର୍ତ୍ତା କରିବେ। ଆଜି କେଉଁ ବାର ପଚାରିବେ। କାଲି କେଉଁବାର ଥିଲା ପଚାରିବେ ଓ କହିବାରେ ସହାୟତା କରିବେ।
- କାଳ୍ପନିକ ବେଲୁନ୍ ଫୁଙ୍କିବାକୁ ପିଲାମାନଙ୍କୁ କହିବେ। ଯଦି ଆଜି ବୁଧବାର ଥିବ ତେବେ ସୋମବାରର ବେଲୁନ୍, ମଙ୍ଗଳବାରର ବେଲୁନ୍ ଓ ବୁଧବାରର ବେଲୁନ୍ (ମୋଟ ୩ଟି ବେଲୁନ୍) କାଳ୍ପନିକ ଭାବେ ଫୁଙ୍କିବାକୁ କହିବେ ଓ ତାକୁ ଫୁଟାଇବାକୁ କହିବେ।



### କଥୋପକଥନ

### 'ବାର/ଦିନ ଧାରଣା'

- ସପ୍ତାହର ଦିନ ଗୁଡ଼ିକର ନାମ କହିବେ।
- ଆଜି, ଗତକାଲି, ଆସନ୍ତା କାଲିର ଦିନ/ବାର ନାମ କହିବେ। ଯେପରି- ଆଜି ସୋମବାର ହେଲେ ଗତକାଲି ରବିବାର ଥିଲା। ଆସନ୍ତାକାଲି ମଙ୍ଗଳବାର ହେବ ବୋଲି କହିବେ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

ଆସ, ଚିତ୍ର ଦେଖିବା ଓ ସାତ ବାର ନାମ କହିବା ଓ ଗୀତ ଗାଇବା ।




**ସାତ ବାର ଗୀତ**

ସପ୍ତାହର ସାତ ବାର
ସାତ ବାର ଏ ପ୍ରକାର ।
ସୋମବାର ପରେ
ମଙ୍ଗଳ ଆସଇ
ତା' ପରେ ଯେ ବୁଧବାର ।
ଗୁରୁ, ଶୁକ୍ର, ଶନି,
ତା' ପରେ ଆସନ୍ତି
ଶେଷେ ଆସେ ରବିବାର ।

ଏକ ସପ୍ତାହରେ ସାତ ଦିନ ଥାଏ । ଆସ ଉପର ଚିତ୍ର ଦେଖି ସାତ ଦିନ ବା ସାତବାରର ନାମ ମନେ ପକାଇବା ଓ ତଳେ ଲେଖିବା ।

ସୋମବାର ମଙ୍ଗଳବାର

ବୁଧବାର ଗୁରୁବାର

ଶୁକ୍ରବାର ଶନିବାର

ରବିବାର

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

ଆସ, ଚିତ୍ର ଦେଖି ପର୍ବକୁ ଚିହ୍ନିବା ଓ କହିବା । ଏହି ପର୍ବଗୁଡ଼ିକ କେଉଁ ମାସରେ ପାଳନ ହୁଏ ବୁଝିବା ।



କାର୍ତ୍ତିକ (ବୋଇତଭସା)



ମାର୍ଗଶିର (ଲକ୍ଷ୍ମୀ ପୂଜା)



ଜ୍ୟେଷ୍ଠ (ରଜ ପର୍ବ)



ଆଷାଢ଼ (ରଥଯାତ୍ରା)

ଆସ, ବାପାମାଆଙ୍କୁ ପଚାରି  ଓଡ଼ିଆ ବାରମାସର ନାମ ଜାଣିବା ଓ କହିବା ଓ ମନେରଖିବା ।

| ଓଡ଼ିଆ ବାର ମାସର ନାମ | | |
|---|---|---|
| ୧. ବୈଶାଖ | ୫. ଭାଦ୍ରବ | ୯. ପୌଷ |
| ୨. ଜ୍ୟେଷ୍ଠ | ୬. ଆଶ୍ୱିନ | ୧୦. ମାଘ |
| ୩. ଆଷାଢ଼ | ୭. କାର୍ତ୍ତିକ | ୧୧. ଫାଲ୍‌ଗୁନ |
| ୪. ଶ୍ରାବଣ | ୮. ମାର୍ଗଶିର | ୧୨. ଚୈତ୍ର |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

ଦିନାଙ୍କ ____________

## ଗଳ୍ପ କଥନ: ନାଲି ବର୍ଷାତି

**ଆସ, ଗପଟିକୁ ଶୁଣିବା । ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରୁ ଦେଖିବା ଓ ଚିହ୍ନିବା ।**



ରବିବାର ଦିନ ମାଆ ମନୁକୁ ଗୋଟିଏ ନାଲି ରଙ୍ଗର  ବର୍ଷାତି କିଣିଦେଲେ । ମୁନୁ ପଚାରିଲା-ମାଆ, ମୁଁ କ'ଣ ଏଇଟା ଏବେ ପିନ୍ଧିବି ? ମାଆ କହିଲେ-ନା ବାବୁ, ଏଇଟା କେବଳ ବର୍ଷା ହେଲେ ପିନ୍ଧିବୁ । ସୋମବାର ଦିନର ଟାଣ ଖରାରେ ଆକାଶ ସଫା ଦିଶୁଥିଲା । ମନୁ ପଚାରିଲା-ମାଆ, ଆଜି କ'ଣ ବର୍ଷା ହେବ ? ମାଆ କହିଲେ-ନା ମନୁ, ଆଜି ବର୍ଷା ହେବନାହିଁ । ଆଜି ବର୍ଷାତି ପିନ୍ଧିଲେ ଲୋକେ ହସିବେ । ମଙ୍ଗଳବାର ଦିନ ଆକାଶ ନୀଳ ରଙ୍ଗ ଦିଶୁଥିଲା । ମନୁ ନୂଆ ବର୍ଷାତି ପିନ୍ଧିବାକୁ ଚାହୁଁଥିଲା । ମାଆଙ୍କୁ ପଚାରିଲା- ମାଆ ମୋ ମନର କଥା କେବେ ପୂରା ହେବ ? ମାଆ କହିଲେ- ବାବୁ, ଆଜି ନୁହେଁ । ଆଜି ତ ଆକାଶ ସଫା ଅଛି । ବୁଧବାର ଦିନ ବହୁତ ଗରମ ହେଉଥିଲା । ମନୁ ମାଆଙ୍କୁ ପଚାରିଲା- ମାଆ, ବର୍ଷା କାହିଁକି ହେଉ ନାହିଁ ? ମାଆ କହିଲେ-ବାବୁରେ, ଏତେ ଗରମ ହେଉଛି ଯେ ମୋତେ ଲାଗୁଛି ବର୍ଷା ଖୁବ ଶୀଘ୍ର ହେବ । ଗୁରୁବାର ଦିନ ମନୁ ବଣଭୋଜିକୁ ଗଲା ବେଳେ ମାଆଙ୍କୁ ପଚାରିଲା-ମାଆ, କାଳେ ବର୍ଷା ହେବ ମୁଁ ସାଙ୍ଗରେ ବର୍ଷାତି ନେଇଯିବି କି ? ମାଆ କହିଲେ- ନା ରେ ବାବୁ, ଆଜି ବର୍ଷା ହେବନାହିଁ । ଛୋଟ ଛୋଟ ବାଦଲଖଣ୍ଡ ଆକାଶର ବହୁତ ଉପରେ ଅଛନ୍ତି । ଶୁକ୍ରବାର ଦିନ ଆକାଶରେ କଳା ବାଦଲ ଘୋଟି ଯାଇଥିଲା । ମନୁ ବଡ଼ ପାଟିରେ ପଚାରିଲା-ମାଆ, ଆଜି ନିଶ୍ଚୟ ବର୍ଷା ହେବ । ହେବ ନା ? ମାଆ କହିଲେ- ହଁ, ଆଜି ବର୍ଷା ହେଲା ଭଳି ଲାଗୁଛି । ତୁ ସ୍କୁଆଡ଼େ ଯିବୁ, ତୋ ନାଲି ନୂଆ ବର୍ଷାତି ସାଥିରେ ନେଇଯିବୁ । ଶନିବାର ଦିନ ବିଜୁଳି ସହ ଘଡ଼ଘଡ଼ି ଗରଜିବାକୁ ଲାଗିଲା । ମନୁ କହିଲା-ମାଆ, ଏହା କ'ଣ ଘଡ଼ଘଡ଼ି ମାରିବାର ଶବ୍ଦ ? ତାହାହେଲେ ଏବେ କ'ଣ ବର୍ଷା ହେବ ?

ମାଆ ହସିଦେଇ କହିଲେ-ଏଇତ ବର୍ଷା ହେଲାଣି । ତୁ ଯା ତୋ ନୂଆ ବର୍ଷାତି ପିନ୍ଧି ପକା । ମନୁ ଖୁସି ହୋଇ ତା'ର ନୂଆ ବର୍ଷାତି ପିନ୍ଧି ପକାଇ ବାହାରକୁ ବାହାରି ଆସିଲା । ବର୍ଷାରେ ନାଚି ନାଚି ଖୁସିରେ ଗାଇଲା-

"ବରଷାକୁ ଆଜି ନାହିଁ ତ ଡର
ବରଷାତି ଅଛି ଦେହରେ ମୋର" ।

**ପ୍ରଶ୍ନ :**

- ମନୁର ନୂଆ ବର୍ଷାତି କେଉଁଦିନ କିଣା ହେଲା ?
- ମାଆ ମନୁ ପାଇଁ କେଉଁ ରଙ୍ଗର ବର୍ଷାତି କିଣି ଦେଲେ ?
- ମନୁ କେଉଁଦିନ ବଣଭୋଜି କରିବାକୁ ଗଲା ?
- ସେ କେଉଁଦିନ ନୂଆ ବର୍ଷାତି ପିନ୍ଧିଲା ?
- ନୂଆ ବର୍ଷାତି ପିନ୍ଧି ମନୁ କ'ଣ କଲା ?

**ମୁଖ୍ୟ ଶବ୍ଦ**
ମାଆ, ମନୁ, ନାଲି, ବର୍ଷା, ବର୍ଷାତି

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟଫର୍ଦ୍ଦ-୪

ଦିନାଙ୍କ ____________

ଆମ ଘରେ ଆମେ ବିଭିନ୍ନ ପର୍ବ ପାଳନ କରୁ । ଆସ ଚିତ୍ର ଦେଖିବା ଓ ପର୍ବ ବିଷୟରେ ବାପାମାଆଙ୍କୁ ପଚାରି ଜାଣିବା ।

| | | |
|---|---|---|
|  | ଦୁର୍ଗାପୂଜା | • ଦଶହରାରେ ମା'ଦୁର୍ଗାଙ୍କ ପୂଜା ହୁଏ ।<br>• ଘରେ ଘରେ ପିଠାପଣା ହୁଏ ।<br>• ଏହି ପର୍ବ ଆଶ୍ୱିନ ମାସରେ ପାଳନ ହୁଏ । |
|  | ଗଣେଶ ଚତୁର୍ଥୀ | • ଗଣେଶଚତୁର୍ଥୀରେ ଶ୍ରୀଗଣେଶ ଠାକୁରଙ୍କ ପୂଜା ହୁଏ ।<br>• ନୂଆ ଜାମା ପିନ୍ଧାଯାଏ ।<br>• ଠାକୁରଙ୍କ ପାଖରେ ନଡ଼ିଆ ଭଙ୍ଗାଯାଏ । |
|  | ସୂର୍ଯ୍ୟପୂଜା | • ମକର ସଂକ୍ରାନ୍ତିରେ ସୂର୍ଯ୍ୟଦେବଙ୍କ ପୂଜା ହୁଏ ।<br>• ମକର ଚାଉଳ ଭୋଗ ହୁଏ ।<br>• ଏହା ମାଘମାସରେ ପାଳନ ହୁଏ |

ଆସ, ବାପାମାଆଙ୍କୁ ପଚାରି ଆମେ ପାଳନ କରୁଥିବା କେତେକ ପର୍ବପର୍ବାଣି ନାମ ଜାଣିବା ଓ କହିବା ।

| | | |
|---|---|---|
| ରଥଯାତ୍ରା | ମହରମ | ପ୍ରଥମାଷ୍ଟମୀ |
| ପଣାସଂକ୍ରାନ୍ତି | ବଡ଼ଦିନ | ଦୋଳ |
| ଜନ୍ମାଷ୍ଟମୀ | ନୂଆଖାଇ | ଶ୍ରୀରାମନବମୀ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟପର୍ଦ୍ଧ-୫

ଦିନାଙ୍କ ____________

ଆସ, ଚିତ୍ର ଦେଖିବା । ବିଭିନ୍ନ ପର୍ବକୁ ଚିହ୍ନିବା, ଜାଣିବା ଓ ଆମେ ସେହି ପର୍ବରେ କ'ଣ କରୁ କହିବା ।

| | | |
|---|---|---|
|  | ସରସ୍ୱତୀ ପୂଜା | • ବସନ୍ତପଞ୍ଚମୀରେ ମା' ସରସ୍ୱତୀଙ୍କୁ ପୂଜା କରୁ ।<br>• ନଡ଼ିଆ ବାଡ଼େଇ ଭୋଗ କରୁ ।<br>• ମେଢ଼ ବୁଲି ଦେଖୁ । |
|  | ଦୀପାବଳି | • ମା' ଲକ୍ଷ୍ମୀଙ୍କୁ ପୂଜା କରୁ ।<br>• ଘରଦ୍ୱାର ସଜାଉ ।<br>• ଦୀପ ଜାଳୁ ।<br>• ବାଣ ଫୁଟାଉ । |
|  | ରଙ୍ଗ ଖେଳ (ହୋଲି) | • ସାଙ୍ଗମାନଙ୍କ ସହ ମିଶି ରଙ୍ଗ ଖେଳୁ ।<br>• ଭଲ ଖାଦ୍ୟ ଓ ମିଠା ଖାଉ ।<br>• ଗୀତ ଓ ନାଚ କରି ମଜା କରୁ । |

ଆସ, ବାପାମାଆଙ୍କୁ ପଚାରି ଆମେ ପାଳନ କରୁଥିବା କେତେକ ପର୍ବପର୍ବାଣୀ ନାମ ଜାଣିବା ଓ କହିବା ।

| | | |
|---|---|---|
| ରଜ | ଗୁଡ୍‌ଫ୍ରାଇଡ଼େ | ରାସପୂର୍ଣ୍ଣିମା |
| ଇଦୁଲ୍‌ଫିତର | ବଡ଼ଓଷା | ମହାଶିବରାତ୍ରି |
| କୁମାରପୂର୍ଣ୍ଣିମା | ଖୁଦୁରୁକୁଣୀ | ସବେ-କଦର |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# କାର୍ଯ୍ୟପତ୍ର-୬

ଦିନାଙ୍କ ____________


## ଆସ, ଗୀତ ଗାଇବା ଓ 'ଚ' ଅକ୍ଷର ଧ୍ୱନି ଚିହ୍ନିବା ।



ଚପର ଚପର ଚପର
ପଚର ପଚର ପଚର
ଚପଲ ମଚମଚ
ପଚର ପଚପଚ ।

ଚ

### ୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ଚକ



ଚଷମା



ଚପଲ




ଚଉକି

### ୨. ଆସ, 'ଚ' ଚାରି ପଟେ ଗୋଲ ◯ କରିବା ।

(ଚ)   ଟ   ଚ   ର   ଚ   ଟ

### ୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ବିଲେଇର ବିଚାର

ପୋଖରୀ କୂଳରେ ଗଛଟିଏ । ସେଇ ଗଛ କୋରଡ଼ରେ ମାଛରଙ୍କା ଚଢ଼େଇଟିଏ ରହୁଥିଲା । ସେ ପୋଖରୀରୁ ମାଛ ମାରି ଖାଏ । ଖରାଦିନ ଆସିଲା । ପୋଖରୀ ଶୁଖିଗଲା । ମାଛରଙ୍କା ଖାଇବାକୁ ପାଇଲାନାହିଁ । ସେ ନିଜ କୋରଡ଼ ଛାଡ଼ି ପଳାଇଲା । ଠେକୁଆଟିଏ ସେଇ ବାଟେ ଯାଉଥିଲା । ସେ ଗଛ କୋରଡ଼କୁ ଦେଖିଲା । ସେଠାରେ ଆସି ରହିଗଲା ।



ବର୍ଷାଦିନ ଆସିଲା । ପୋଖରୀରେ ପୁଣି ପାଣି ଭରିଗଲା । ମାଛରଙ୍କା ନିଜ କୋରଡ଼କୁ ଫେରିଆସିଲା । ଠେକୁଆକୁ ସେଇଠି ଦେଖି ମାଛରଙ୍କା ରାଗିଗଲା । ଦୁଇଜଣଙ୍କ ଭିତରେ କଳି ହେଲା । ଠେକୁଆ, ମାଛରଙ୍କା ଦୁଇଜଣ କୋରଡ଼କୁ ନିଜ ଘର ବୋଲି କହିଲେ । ଠିକ୍ ବିଚାର ପାଇବା ପାଇଁ ସେମାନେ ସିଂହରାଜାଙ୍କ ପାଖକୁ ଗଲେ । ବାଟରେ ଗୋଟିଏ ଗଛ ତଳେ ବିଲେଇଟିଏ ବସିଥିଲା । ସେ ଆଖି ବୁଜି ତପ କରୁଥିଲା । ଠେକୁଆ ଓ ମାଛରଙ୍କା ବିଲେଇକୁ ସାଧୁ ବୋଲି ଭାବିଲେ । ତା' ପାଖକୁ ଗଲେ । ତାକୁ ବିଚାର କରିବାକୁ କହିଲେ । ବିଲେଇ ଆଖି ଖୋଲି ଅନାଇଲା । ସେ କହିଲା-''ମୁଁ ବୁଢ଼ା ହେଲିଣି । ମତେ କିଛି ଶୁଣାଯାଉନି । ମୋ ପାଖକୁ ଆସ । ସବୁ କଥା ବଡ଼ପାଟିରେ କୁହ ।'' ବିଲେଇ କଥାରେ ଠେକୁଆ ଓ ମାଛରଙ୍କା ତା' ପାଖକୁ ଗଲେ । ବିଲେଇ ତା'ର ଦୁଇ ପଞ୍ଝାରେ ଦୁଇଜଣଙ୍କୁ ଧରି ଆମ୍ପୁଡ଼ି ଦେଲା । ନିଜ ଭିତରେ କଳି କରୁଥିବାରୁ ଦୁଇଜଣଯାକ ଖଣ୍ଡିଆଖାବରା ହୋଇଗଲେ ।



### ଚଢ଼େଇରାଣୀ

ଚଢ଼େଇରାଣୀ ଚଢ଼େଇରାଣୀ
ଟିକେ ଭଲ ତୁ ଟିକେ ସିଆଣୀ ।
ଛୋଟ ଛୋଟ ପର ତୋର
ଉଡ଼ିଯାଉ ବହୁ ଦୂର ।
ଦୂରେ ଉଡ଼ିଯାଉ ତୁ
ମିଠା ଗୀତ ଗାଉ ତୁ
ଛୋଟ ଛୋଟ ଥଣ୍ଟରେ ତୋ'ର
ଦାନା ଖୁଣ୍ଟି ଖାଉ ତୁ ।





ଡେଣା ତୋ'ର ଝାଡ଼ି ଝାଡ଼ି ଆସୁ ଚଢ଼େଇ
ମେଘ ଡେଇଁ ଉଡ଼ି ଉଡ଼ି ଯାଉ ଚଢ଼େଇ
ଆକାଶକୁ ଛୁଉଁ ତୁ
ମିଠା ଗୀତ ଗାଉ ତୁ
ଧରା ସିନା ଦେଉନା ତୁ
ପର ଝାଡ଼ି ଯାଉ ତୁ ।
ଚଢ଼େଇରାଣୀ..... ଚଢ଼େଇରାଣୀ ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ



## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ବୋକା ବାଘ

ବାଘଟିଏ ଥିଲା । ସେ ଭାରି ବଳୁଆ । ସବୁ ପଶୁ ତାକୁ ଡରନ୍ତି । ଦିନେ ବାଘ କିଛି ଖାଇବାକୁ ପାଇଲା ନାହିଁ । ତାକୁ ପ୍ରବଳ ଭୋକ କରୁଥାଏ । ଶୀକାର ଖୋଜି ଖୋଜି ସେ ହାଲିଆ ହୋଇଗଲା । ଦୂରରେ ସେ ଗୋଟିଏ ଘୁଷୁରି ଦେଖିଲା । ତାକୁ ଖାଇବା ପାଇଁ ତା' ପଛରେ ଦଉଡ଼ିଲା । ଘୁଷୁରି ପ୍ରାଣ ବିକଳରେ ଧାଇଁଲା । ବାଘ ଘୁଷୁରିକୁ ମାଡ଼ି ବସିଲା । ଟାଣି ଟାଣି ଆଣି ଗଛ ପାଖରେ ପକାଇ ଦେଲା । ତା' ପରେ ବାଘ, ହରିଣଟିଏ ଦେଖିଲା । ତାକୁ ବି ଖାଇବାକୁ ମନ କଲା । ତା' ପଛରେ ଗୋଡ଼ାଇଲା । ହରିଣ ଡରିଯାଇ ଧାଇଁଲା । ବାଘ ଘୁଷୁରି ପଛରେ ଗୋଡ଼ାଇ ହାଲିଆ ହୋଇ ଯାଇଥିଲା । ଏଣୁ ସେ ହରିଣକୁ ଧରିପାରିଲା ନାହିଁ । ବାଘ ଭାବିଲା-ହରିଣ ନ ହେଉ, ଆଜି ଘୁଷୁରିକୁ ଖାଇ ଦେବ । ସେ ଗଛ ପାଖକୁ ଫେରିଲା । କିନ୍ତୁ ସେଠାରେ ଘୁଷୁରି ନଥିଲା । ବାଘ ଗଲା ପରେ ସେ ଉଠି ପଳାଇଥିଲା । ବିଚରା ବାଘ ମନଦୁଃଖରେ ଭୋକରେ ରହିଲା ।



### ବେଲୁନ୍ ବାଲା

ରଙ୍ଗ ବେରଙ୍ଗୀ ବେଲୁନ୍ ନିଅ
ଆସି ପିଲେ ବେଲୁନ୍ ନିଅ
ନାଲି ସବୁଜ ହଳଦିଆ...
ନାଲି ସବୁଜ ହଳଦିଆ
ନୀଳ ରଙ୍ଗ ବେଲୁନ୍ ନିଅ
ଆସ ପିଲେ ବେଲୁନ୍ ନିଅ ।

ଚିକିମିକିଆ... ଭାରି ସୁନ୍ଦର
ବେଲୁନ୍ ଧରି ଖେଳରେ ଖେଳ
ନୀଳ ନୀଳ ଆକାଶରେ
ଭରିଦିଅ ରଙ୍ଗ ତା'ର
ରଙ୍ଗବେରଙ୍ଗୀ ବେଲୁନ୍ ନିଅ
ଆସ ପିଲେ ବେଲୁନ୍ ନିଅ ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

## ଆସ, ତଳ ଚିତ୍ରରେ ରଙ୍ଗ ଦେବା ।



ରକ୍ଷାବଂଧନ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ସପ୍ତମ ସପ୍ତାହ

## ସଂଖ୍ୟା ଓ ଟଙ୍କାପଇସା

### ଅଭିନୟ ଗୀତ: ଏକ ଗଲା ଶିକାର କରି

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ଏକ ଗଲା ଶିକାର କରି, ଦୁଇ ଥିଲା ତା' ସାଥେ
ତିନି ତାଙ୍କ ପଛରେ ଗଲା, ବାଘ ଦେଖିଲା ବାଟେ ।
ଚାରି ଚଢ଼ିଲା ଆମ୍ବ ଗଛରେ, ପାଞ୍ଚ ପଡ଼ିଲା ତଳେ,
ଛଅ ଦେଖିଣ ହସୁଥିଲା, ଦୋଳି ଖେଳିଣ ଡାଳେ ।
ସାତ ନାଚିଲା ଘୁଙ୍ଗୁର ପିନ୍ଧି, ଆଠ ଗାଇଲା ଗୀତ,
ନଅ ଚାଲିଲା ନୌକା ଧରି, ଦଶ ମାରିଲା କାତ ।

**ସମତାନ ଶବ୍ଦ**

| | | |
|---|---|---|
| ତଳେ | - | ଡାଳେ |
| ଗୀତ | - | କାତ |
| ସାଥେ | - | ବାଟେ |
| ଚଢ଼ିଲା | - | ଆସିଲା |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୭

# କାର୍ଯ୍ୟପର୍ଦ୍ଦ-୧

ଦିନାଙ୍କ ____________

## ଆସ, ଚିତ୍ର ଦେଖିବା, ଗଣିବା ଓ କହିବା


ଏକ


ଦୁଇ


ତିନି


ଚାରି


ପାଞ୍ଚ

## ଆସ, ଉପର ଚିତ୍ର ପରି ନିଜ ଆଙ୍ଗୁଠିରେ ଗଣି ସଂଖ୍ୟାର ନାମ କହିବା ଓ ବାପାମାଆଙ୍କୁ ପଚାରି ତଳେ ଲେଖିବା ।

ଏକ ଏକ

ଦୁଇ ଦୁଇ

ତିନି ତିନି

ଚାରି ଚାରି

ପାଞ୍ଚ ପାଞ୍ଚ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

ଦିନାଙ୍କ ____________

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ: ଏକ ପାଦ ଚାଲିବା



### ଏକ ପାଦ ଚାଲିବା

ପିଲାଙ୍କୁ ଗୋଟିଏ ଧାଡ଼ିରେ ଠିଆହେବା ପାଇଁ କୁହାଯିବ। ପିଲାମାନେ ସୂଚନା ଅନୁସାରେ କାମ କରିବେ।

- ଆଗକୁ ଏକ ପାଦ ଯାଅ।
- ପଛକୁ ଏକ ପାଦ ଆସ।
- ଆଗକୁ ଦୁଇ ପାଦ ଯାଅ।
- ପଛକୁ ଦୁଇ ପାଦ ଆସ।

ଏହିପରି ବିଭିନ୍ନ ନିର୍ଦ୍ଦେଶକୁ ପିଲାମାନେ ଅନୁସରଣ କରିବେ।

## କଥୋପକଥନ

### କିଣାବିକା, ଟଙ୍କାପଇସା

- ବାପାମାଆ ପିଲାମାନଙ୍କୁ ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା, ୧୦ ଟଙ୍କା ଓ ୨୦ ଟଙ୍କା ମୁଦ୍ରା/କାଗଜ ନୋଟ୍ ଦେଖାଇ ଚିହ୍ନାଇବେ। ପିଲାମାନେ ଦୋକାନୀ ଓ ଗ୍ରାହକ ଖେଳ ଖେଳିବେ-'ପଇସା ଦିଅ, ଜିନିଷ ନିଅ...।'
- ଗୋଟିଏ ପିଲା ଦୋକାନୀ ହୋଇ ଅନ୍ୟମାନଙ୍କୁ ବିଭିନ୍ନ ଜିନିଷ (ପତ୍ର, ଗୋଡ଼ି, ଫୁଲ) ବିକିବ ଓ ଅନ୍ୟମାନେ କାଗଜରେ ୧ ଟଙ୍କା / ୨ ଟଙ୍କା / ୫ ଟଙ୍କା / ୧୦ ଟଙ୍କା / ୨୦ ଟଙ୍କା ଲେଖାଥିବା ଟଙ୍କା ଦେଇ ଜିନିଷ କିଣିବେ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

# କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

## ଆସ, ଚିତ୍ର ଦେଖିବା, ଗଣିବା ଓ କହିବା




ଛଅ




ସାତ



ଆଠ



ନଅ



ଦଶ

## ଆସ, ଉପର ଚିତ୍ର ପରି ନିଜ ଆଙ୍ଗୁଠିରେ ଗଣି ସଂଖ୍ୟାର ନାମ କହିବା ଓ ବାପାମାଆଙ୍କୁ ପଚାରି ତଳେ ଲେଖିବା ।

ଛଅ ଛଅ

ସାତ ସାତ

ଆଠ ଆଠ

ନଅ ନଅ

ଦଶ ଦଶ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭


# କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

## ଆସ, ଚିତ୍ର ଦେଖି ମାଙ୍କଡ଼ ଗଣିବା ଓ କହିବା




ଏକ | ଦୁଇ | ତିନି | ଚାରି | ପାଞ୍ଚ




ଛଅ | ସାତ | ଆଠ | ନଅ | ଦଶ

## ଆସ, ଉପର ଚିତ୍ରର ପ୍ରତି ଘରେ ଥିବା ମାଙ୍କଡ଼ ଗଣିବା, କହିବା ଓ ତଳେ ଲେଖିବା ।

| | | | | | |
|---|---|---|---|---|---|
| ୧ | ଏକ | ଏକ | ୬ | ଛଅ | ଛଅ |
| ୨ | ଦୁଇ | ଦୁଇ | ୭ | ସାତ | ସାତ |
| ୩ | ତିନି | ତିନି | ୮ | ଆଠ | ଆଠ |
| ୪ | ଚାରି | ଚାରି | ୯ | ନଅ | ନଅ |
| ୫ | ପାଞ୍ଚ | ପାଞ୍ଚ | ୧୦ | ଦଶ | ଦଶ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଗଳ୍ପ କଥନ: କୋଳିବାଲି ବୁଦ୍ଧି ଶିଖିଲା

ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।

ମୀନା ଗୋଟିଏ ଚାଲାକ ଝିଅ । ଥରେ ସେ କୋଳିବାଲି ଠାରୁ କୋଳି କିଣିଲା । କୋଳିବାଲି, କୋଳି ଓଜନ କଲା ବେଳେ ମୀନା ଲକ୍ଷ୍ୟ ରଖିଥିଲା । ସେ କହିଲା, ''ମାଉସୀ ମୋତେ କାହିଁକି କମ୍ କୋଳି ଦେଲ ?'' କୋଳିବାଲି କହିଲା, ''କମ୍ ହେଲେ ତୁମକୁ ନେବାକୁ ସୁବିଧା ହେବ ।'' ମୀନା କିଛି ପଇସା କୋଳିବାଲିକୁ ଦେଲା । କୋଳିବାଲି ପଇସା ଗଣିଲା ଓ ଦେଖିଲା କମ୍ ପଇସା ଅଛି । ସେ ମୀନାକୁ କହିଲା, ''ତୁମେ କମ୍ ପଇସା ଦେଇଛ ।'' ମୀନା କହିଲା ''କମ୍ ପଇସା ଗଣିବା ସହଜ ନୁହେଁ କି ?'' କୋଳିବାଲି ବୁଦ୍ଧି ଶିଖିଲା । ସେଇଦିନଠାରୁ ସେ କେବେ କାହାକୁ ଆଉ କମ୍ କୋଳି ଦେଲା ନାହିଁ ।

ପ୍ରଶ୍ନ-

- ମୀନା କ'ଣ କିଣିଲା ?
- ମୀନା କୋଳି କାହାଠାରୁ କିଣିଲା ?
- କୋଳିବାଲି ମୀନାକୁ ଠିକ୍ ଓଜନର କୋଳି ଦେଲା କି ?
- ମୀନା କୋଳି କିଣି କୋଳିବାଲିକୁ କ'ଣ ଦେଲା ?
- କୋଳିବାଲି ମୀନାଠାରୁ କ'ଣ ଶିଖିଲା ?

**ମୁଖ୍ୟ ଶବ୍ଦ**

ମୀନା, ଚାଲାକ, ଓଜନ, କୋଳିବାଲି, କମ୍

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

# କାର୍ଯ୍ୟଫର୍ଦ୍ଦ-୪

ସପ୍ତାହ-୭

ତଳେ କେତେଗୁଡ଼ିଏ ଟଙ୍କାର ଚିତ୍ର ଅଛି । ଆସ, ସେହି ଟଙ୍କାଗୁଡ଼ିକୁ ଚିହ୍ନିବା ଓ କହିବା ।




ଦଶ ଟଙ୍କା




କୋଡ଼ିଏ ଟଙ୍କା




ପଚାଶ ଟଙ୍କା




ଏକଶହ ଟଙ୍କା

ବାପାମାଆଙ୍କୁ ପଚାରି ଉପର ଟଙ୍କା ଚିତ୍ର ପରି ଘରେ ଥିବା ପ୍ରକୃତ ଟଙ୍କା ଦେଖି ଚିହ୍ନିବା ଓ ଜାଣିବା । ଆସ, ତଳେ ଟଙ୍କାଗୁଡ଼ିକର ନାମ ଲେଖିବା ।

ଦଶ ଟଙ୍କା ଦଶ ଟଙ୍କା

ଏକଶହ ଟଙ୍କା ଏକଶହ ଟଙ୍କା

କୋଡ଼ିଏ ଟଙ୍କା କୋଡ଼ିଏ ଟଙ୍କା

ପଚାଶ ଟଙ୍କା ପଚାଶ ଟଙ୍କା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

## କାର୍ଯ୍ୟଫର୍ଦ୍ଦ-୫

ଦିନାଙ୍କ ____________

ତଳେ କେତେଗୁଡ଼ିଏ ମୁଦ୍ରା (କଏନ୍) ଚିତ୍ର ଅଛି । ଆସ, ସେଗୁଡ଼ିକୁ ଚିହ୍ନିବା ଓ କହିବା ।


ଏକ ଟଙ୍କା


ଦୁଇ ଟଙ୍କା


ପାଞ୍ଚ ଟଙ୍କା


ଦଶ ଟଙ୍କା

ବାପାମାଆଙ୍କୁ ପଚାରି ଉପର ଚିତ୍ରରେ ଥିବା ମୁଦ୍ରା (କଏନ୍) ପରି ଘରେ ଥିବା ପ୍ରକୃତ ମୁଦ୍ରା (କଏନ୍) ଦେଖିବା, ଚିହ୍ନିବା ଓ କହିବା ।

ଆସ, ତଳ ଚିତ୍ରକୁ ଦେଖି ମୁଦ୍ରା (କଏନ୍) ନାମ ଲେଖିବା ।


ଏକ ଟଙ୍କା ଏକ ଟଙ୍କା


ଦୁଇ ଟଙ୍କା ଦୁଇ ଟଙ୍କା


ପାଞ୍ଚ ଟଙ୍କା ପାଞ୍ଚ ଟଙ୍କା


ଦଶ ଟଙ୍କା ଦଶ ଟଙ୍କା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

## କାର୍ଯ୍ୟଫର୍ଦ୍ଦ-୬

ଦିନାଙ୍କ ____________


### ଆସ, ଗୀତ ଗାଇବା ଓ 'ଟ' ଅକ୍ଷର ଧ୍ୱନି ଚିହ୍ନିବା ।



ଟଗର ଟଗର ଟଗର
ଗଟର ଗଟର ଗଟର
ଚଟଚଟ ଟଗର
ଝଟଝଟ ମଟର ।

# ଟ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ଟଗର



ଟମାଟୋ



ଟର୍ଚ୍ଚ




ଟଙ୍କା

୨. ଆସ,'ଟ'ଚାରି ପଟେ ଗୋଲ ○ କରିବା ।

(ଟ)   ର   ଟ   ମ   ଟ   ଚ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ମୂର୍ଖ ମୁଖିଆ

ବଣ ପାଖରେ ଗାଁଟିଏ । ସେଇ ଗାଁର ଶେଷରେ ଜଣେ ଚାଷୀ ରହୁଥିଲା । ତା'ର ପଲେ ମେଣ୍ଢା ଥିଲେ । ମେଣ୍ଢାଙ୍କୁ ଜଗିବା ପାଇଁ ଛଅଟି କୁକୁର ଥିଲେ । ସବୁଦିନ ଚାଷୀ ମେଣ୍ଢାପଲ ନେଇ ବଣକୁ ଯାଏ । ସେମାନେ ଦିନସାରା ସେଠି ଚରନ୍ତି । କୁକୁରମାନେ ମେଣ୍ଢାପଲଙ୍କୁ ଜଗି ଥାଆନ୍ତି । ବେଳ ବୁଡ଼ିଲେ ଚାଷୀ ମେଣ୍ଢାପଲ ଘରକୁ ଫେରାଇ ଆଣେ । ଘର ଭିତରେ ସେମାନଙ୍କୁ ରଖି କବାଟ କିଳି ଦିଏ । ରାତିରେ ସେ ମେଣ୍ଢାମାନଙ୍କ ଖବର କିଛି ବୁଝେନାହିଁ । କୁକୁରମାନଙ୍କୁ ଚାଷୀ ଭାରି ଆଦର କରେ । ଭଲଭଲ ଜିନିଷ ଖାଇବାକୁ ଦିଏ । ମେଣ୍ଢାମାନେ ଏସବୁ ଦେଖନ୍ତି । ଭାରି ମନଦୁଃଖ କରନ୍ତି । ଦିନେ ମେଣ୍ଢାଙ୍କ ମୁଖିଆ ଚାଷୀ ପାଖକୁ ଆସିଲା । ଚାଷୀକୁ ମେଣ୍ଢା ମୁଖିଆ ପଚାରିଲା- "ମାଲିକେ, ଆମେ ତୁମକୁ ଲୋମ ଦେଇ ତୁମର ଉପକାର କରୁଛୁ । ହେଲେ ତୁମେ ଆମଠାରୁ କୁକୁରଙ୍କୁ ବେଶି ଭଲପାଉଛ କାହିଁକି ? ଏକଥା ଶୁଣି ଚାଷୀ ମେଣ୍ଢା ମୁଣ୍ଡରେ ହାତ ବୁଲାଇଲା ଓ କହିଲା- ମୁଁ କୁକୁରମାନଙ୍କ ଭଳି ତୁମକୁ ବି ବହୁତ ଭଲପାଏ । ସେଥିପାଇଁ ମୁଁ ତୁମ ସହିତ ପ୍ରତିଦିନ ବଣକୁ ଯାଏ । ତୁମର ବିପଦ ଆପଦ ପ୍ରତି ସତର୍କ ରହିଥାଏ । ଏହା ଶୁଣି ମେଣ୍ଢାମୁଖିଆ ଖୁସି ହୋଇ ପଳାଇଲା ।

### ଟୁଉକୁମୂଷିରେ ଟୁକେଇମୂଷି



ଟୁଉକୁମୂଷିରେ ଟୁକେଇମୂଷି
ଧାନ ଭରଣକ ଖାଉଥା ବସି
ତୁ ଥା ମୁଁ ଯାଉଛି ରୁଷି
କରୁଥା ଯାହା ତୋ ମନ ଖୁସି ।



ଟିକି ଟିକି ଧାନ ଶହେ ଭରଣ
ସାତଟା ଅମାର କଲୁଣି ଶୂନ
ଗଣେଶ ବାହନ ଅଟୁରେ ମୂଷା
ତତେ ମାରିବାକୁ ନାହିଁ ଭରଷା
ଟୁଉକୁମୂଷିରେ ଟୁକେଇମୂଷି... ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଡରୁଆ ବାଘଛୁଆ

ବଣରେ ବାଘଛୁଆଟିଏ ଥିଲା । ସେ ଭାରି ଡରୁଆ । ତାକୁ ଶିକାର କରିବାକୁ ଡର ଲାଗେ । ସେଥିପାଇଁ ବାଘ ତା' ଉପରେ ରାଗିଗଲା । ତାକୁ ବଣରୁ ବାହାର କରିଦେଲା । ବାଘଛୁଆ ପାଖ ଗାଁକୁ ପଳେଇଲା । ଦିନସାରା ଗାଁ ବାହାରେ ଲୁଚି ବସିଲା । ରାତିରେ ଗାଁ ଭିତରକୁ ଗଲା । ତାକୁ ବହୁତ ଭୋକ କରୁଥାଏ । ସେ ଦେଖିଲା ବଉଳା ଗାଈ ଆମ୍ବ ଖାଉଛି । ବାଘଛୁଆ ତାକୁ ଆମ୍ବ ମାଗିଲା । ବଉଳା ତାକୁ ଶିଙ୍ଘରେ ଟେକି ଫୋପାଡ଼ି ଦେଲା । ବାଘଛୁଆ ଖାଇଲା କଚଡ଼ାଏ । ତାକୁ କଷ୍ଟ ହେଲା । ସିଏ ପୁଣି ବଉଳା ପାଖକୁ ଆସିଲା । ବଉଳା ତାକୁ ପୁଣି ଥରେ  ଶିଙ୍ଘରେ ଟେକି ଫୋପାଡ଼ି ଦେଲା । ଗୁଡୁ ଏକଥା ଦେଖୁଥିଲା । ବାଘଛୁଆର ଏ ଅବସ୍ଥା ଦେଖି ସେ ଜୋର୍‌ରେ ହସିଲା । ବାଘଛୁଆକୁ ଲାଜ ମାଡ଼ିଲା । ସେ ଗୁଡୁ ପଛରେ ଗୋଡ଼ାଇଲା । ଗୁଡୁ ଘରକୁ ଯାଇ ଶୋଇପଡ଼ିଲା । ବାଘ ଲୁଚିଲୁଚି ଘର ଭିତରକୁ ଗଲା । ଗୁଡୁ ଶୋଇଥିବା ଖଟକୁ ମୁଣ୍ଡରେ ଥୋଇଲା । ପାହାଡ଼ ପାଖକୁ ଧାଇଁଲା । ମନେ ମନେ କହିଲା- ଆଜି ଏ ପିଲାକୁ ପାହାଡ଼ ଉପରୁ ତଳକୁ ଫୋପାଡ଼ି ଦେବି ।  କିଛି ବାଟ ଗଲାପରେ ଗୁଡୁର ନିଦ ଭାଙ୍ଗିଗଲା । ସେ ତଳକୁ ଦେଖିଲା, ବାଘ ଖଟ ଧରି ଧାଇଁଛି । ଗୁଡୁ ଚୁପ୍ କରି ବାଘର ଲାଞ୍ଜକୁ ଖଟରେ ବାନ୍ଧିଦେଲା । ସେ ନିଜେ ଗଛର ଡାଳ ଧରି ଓହଳି ପଡ଼ିଲା । ବାଘଛୁଆ ଖାଲି ଖଟ ନେଇ ପଳାଇଲା । ପାହାଡ଼ ଉପରକୁ ଗଲା । ଖଟ ପାହାଡ଼ ତଳକୁ ଫୋପାଡ଼ି ଦେଲା, ଖଟ ସହ ନିଜେ ପାହାଡ଼ ତଳକୁ ଗଳି ପଡ଼ିଲା । ଗୁଡୁ ବାଘଛୁଆ ହାବୁଡ଼ରୁ ରକ୍ଷା ପାଇ ମନଖୁସିରେ ଘରକୁ ଫେରିଲା ।





### ତାଳି ତାଳିରେ ତାଳି ତାଳି




ତାଳି ତାଳି ତାଳି ତାଳି
ତାଳି ତାଳିରେ ତାଳି ତାଳି
ତାଳି ତାଳି ବାବା ତାଳି ତାଳି ।
ତାଳି କର ତାଳି କର
ତାଳି କର ବାବା ତାଳି କର ।
କୁନୁକୁ ଆମର ଗେଲ କର
କୁନୁ ଖାଇବ ଦୁଧ ସର ।
କୁନୁ ଯିବ ତା' ମାମୁଘର
ତାଳି କରରେ ତାଳି କର ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

## ଆସ, ତଳ ଚିତ୍ରରେ ରଙ୍ଗ ଦେବା ।



ହାତୀ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଷ୍ଟମ ସପ୍ତାହ

## ମେଳା ଓ ହାଟବଜାର୍

### ଅଭିନୟ ଗୀତ: ତୋଟାରେ ବସିଛି ହାଟ

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ତୋଟାରେ ବସିଛି ଆମ ଗାଁ ହାଟ
ଆମ ଗାଁ ହାଟକୁ ଏଇତ ବାଟ ।
ଫଳଘର ଛିଡ଼ା, ଧାଡ଼ି କି ଧାଡ଼ି
ପରିବା ଆସୁଛି ଗାଡ଼ିକି ଗାଡ଼ି ।
ଏ ପାଖରେ ଆମ୍ବ, ପଣସ ବୋଝ
ସେ ପାଖରେ ଲୁଗା ଦୋକାନ ସଜ ।
ଏ ପାଖରେ କାଚ ବିକେ କାଚରା,
ସେ ପାଖରେ ସଜ ଦହି ପସରା ।
ଶୁଖୁଆ ହାଟରେ ବଡ଼ ଗହଳ
ବିକାକିଣା ପାଇଁ ପଡ଼େ ଚହଳ ।
ଗରମ ଗରମ ଘୁଗୁନି ଖାଇ
ହାଟ ସାରା ଚାଲ ବୁଲିବା ଭାଇ ।

**ସମତାନ ଶବ୍ଦ**

| | | |
|---|---|---|
| ହାଟ | - | ବାଟ |
| ଧାଡ଼ି | - | ଗାଡ଼ି |
| ବୋଝ | - | ସଜ |
| କାଚରା | - | ପସରା |
| ଗହଳ | - | ଚହଳ |
| ଖାଇ | - | ଭାଇ |

ଆସ, ଶବ୍ଦଗୁଡ଼ିକର ପ୍ରଥମ ଧ୍ୱନି ଚିହ୍ନିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

## କାର୍ଯ୍ୟଫର୍ଦ୍ଦ-୧

ଦିନାଙ୍କ ____________

**ଆସ, ଚିତ୍ର ଦେଖି ବିଭିନ୍ନ ଖାଇବାପିଇବା ଜିନିଷର ନାମରୁ ଦୋକାନକୁ ଚିହ୍ନିବା, ଜାଣିବା ଓ କହିବା ।**



ଜିଲାପି



ଆଇସ୍‌କ୍ରୀମ୍




ଗୁପ୍‌ଚୁପ୍



ମସଲା ମୁଢ଼ି



ଫଳ




ଦୋସା



ଆଖୁରସ



ଛଣାଛଣି(ବରା, ପକୁଡ଼ି)



ଫଳରସ

ଆସ, ବାପାମାଆଙ୍କ ସହ ଆଲୋଚନା କରି ଅଧିକ ଖାଇବାପିଇବା ଜିନିଷର ଦୋକାନ ବିଷୟରେ ଜାଣିବା ଓ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

ଦିନାଙ୍କ ____________

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ଆସିଲାରେ ଦେଖ ପରିବାବାଲା ।



ଆସ, ଗୀତଟିକୁ ଅଭିନୟ କରି ଗାଇବା

ଆସିଲାରେ ଦେଖ ପରିବାବାଲା
ଆଣିଛି କଖାରୁ ଆଉ କଲରା ।
ପରିବାରେ ଭରା ତା'ର ପସରା
ଗ୍ରାହକର ଭିଡ଼ ଲାଗିଛି ପରା ।

## କଥୋପକଥନ

### ଗାଁ ଓ ସହରର ହାଟବଜାର

- ବାପା/ମାଆ ପିଲାଙ୍କୁ ହାଟବଜାରକୁ ଯିବାର ପୂର୍ବ ଅନୁଭୂତି ବର୍ଣ୍ଣନା କରିବାକୁ କହିବେ ।

ପ୍ରଶ୍ନ-

- ହାଟବଜାରରେ କ'ଣ ସବୁ ମିଳେ ?
- ତମେ ହାଟରୁ କ'ଣ ସବୁ କିଣିବାକୁ ଭଲ ପାଅ ?
- ବଜାରକୁ ଗଲେ କେଉଁ କେଉଁ ଦୋକାନସବୁ ଦେଖ ?

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

# କାର୍ଯ୍ୟଫର୍ଦ୍ଦ-୨

ଦିନାଙ୍କ ____________

ଆସ, ଚିତ୍ରରେ ଥିବା ପନିପରିବା ଦୋକାନଗୁଡ଼ିକୁ ଦେଖିବା । ପରିବାକୁ ଚିହ୍ନିବା ଓ ତା'ର ନାମ କହିବା ।



ଆସ, ବାପାମାଆଙ୍କ ସହ ଆଲୋଚନା କରି ପନିପରିବାର ନାମ ଜାଣିବା । ଆମେ ଖାଇଥିବା ବା ଦେଖିଥିବା ପରିବାଗୁଡ଼ିକର ନାମ ମନେପକାଇବା, କହିବା ଓ ଲେଖିବା ।

**ପନିପରିବା**
ଆଳୁ, ସାରୁ, କଲରା
କଖାରୁ, ବାଇଗଣ,
ଗାଜର, ମୂଳା,
ଫୁଲକୋବି, ପୋଟଳ
କଦଳୀ

ଆଳୁ    ପୋଟଳ
ବାଇଗଣ    ସାରୁ
କଖାରୁ    କଲରା

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

# କାର୍ଯ୍ୟଫର୍ଦ୍ଦ-୩

ଦିନାଙ୍କ ____________

ଫୁଲ ଦୋକାନରେ ଭଳିକିଭଳି ଫୁଲ ବିକ୍ରି ହୁଏ । ଆସ, ଚିତ୍ର ଦେଖି ଫୁଲଗୁଡ଼ିକୁ ଚିହ୍ନିବା ଓ ତା'ର ନାମ କହିବା ।



ଆମେ, ଆମ ଚାରିପାଖରେ ଅନେକ ପ୍ରକାରର ଫୁଲ ଦେଖୁ । ଆସ ବାପାମାଆଙ୍କୁ ପଚାରି ଅଧିକ ଫୁଲର ନାମ ଜାଣିବା । ସେଇ ଫୁଲମାନଙ୍କ ନାମ ମନେରଖିବା, କହିବା ଓ ଲେଖିବା ।

**ଫୁଲ**
ଟଗର, ଗୋଲାପ, କନିଅର, ଅପରାଜିତା, ଗଙ୍ଗଶିଉଳି, ରଜନୀଗନ୍ଧା

ଟଗର | ଅପରାଜିତା
କନିଅର | ଶିମ୍ଳି
ଗୋଲାପ | କଇଁ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

ଦିନାଙ୍କ ____________

# ଗଳ୍ପ କଥନ : କୁନି ଓ ମୁନାର ଯାତ୍ରା ଦେଖା

**ଆସ, ଗପଟିକୁ ଶୁଣିବା ଓ ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ମୁଖ୍ୟ ଶବ୍ଦଗୁଡ଼ିକୁ ଗପରେ ଦେଖିବା ଓ ଚିହ୍ନିବା ।**

କୁନି ଓ ମୁନା- ଭାଇଭଉଣୀ । ଦୁହେଁ ସବୁ କାମ ଏକାଠି କରନ୍ତି । ଦିନେ ମାମୁ ତାଙ୍କ ଘରକୁ ବୁଲି ଆସିଥିଲେ । ସେ କୁନି ଓ ମୁନାକୁ ଯାତ୍ରା ଦେଖାଇବା ପାଇଁ ନେବେ ବୋଲି କହିଲେ । କୁନି ଓ ମୁନା ଭାରି ଖୁସି ହୋଇଗଲେ । ସଫା ଜାମାପ୍ୟାଣ୍ଟ ପିନ୍ଧି ଯାତ୍ରା ଯିବାକୁ ବାହାରି ପଡ଼ିଲେ । ମାମୁ, ସେମାନଙ୍କୁ ସାଇକେଲ୍‌ରେ ବସାଇ ବସ୍‌ଷ୍ଟାଣ୍ଡ ଯାଏ ନେଲେ । ସେଠାରୁ ସେମାନେ ବସ୍‌ରେ ବସି ସହରକୁ ଗଲେ । ବସ୍‌ରେ ଗଲାବେଳେ ଦୁଇଜଣଯାକ ରାସ୍ତାର ଦୁଇ କଡ଼କୁ ଦେଖୁଥାଆନ୍ତି । ହଠାତ୍ ମୁନା ପାଟି କରି କହିଲା, ''ଅପା, ରେଳଗାଡ଼ି ଯାଉଛି, ଦେଖ୍ ।'' ଦୁହେଁ ରେଳଗାଡ଼ି ଦେଖି ଖୁସି ହେଲେ । ସହର ଆସିଗଲା । ଦୁହେଁ ମାମୁଙ୍କ ସହ ବସ୍‌ରୁ ଓହ୍ଲାଇ ପଡ଼ିଲେ । ମାମୁ, ସେମାନଙ୍କୁ ଯାତ୍ରା ପଡ଼ିଆକୁ ନେଇଗଲେ । ସେମାନଙ୍କ ପାଇଁ ବେଲୁନ୍, ପେଁକାଳୀ ଆଉ ଖେଳଣାସବୁ କିଣିଦେଲେ । କୁନି ଓ ମୁନା ଚକ୍ରୀଦୋଳିରେ ବସି ଖେଳିଲେ । ଶେଷରେ ଜଳଖିଆ ଦୋକାନରୁ ଜିଲାପି, ଲଡୁ ଓ ରସଗୋଲା ଖାଇଲେ । ମାମୁଙ୍କ ସହ ବସ୍‌ରେ ବସି ମନଖୁସିରେ ଘରକୁ ଫେରିଲେ ।

**ପ୍ରଶ୍ନ-**

- ମାମୁଙ୍କ ସହିତ କିଏ କିଏ ଯାତ୍ରା ଦେଖିଗଲେ ?
- ମାମୁ ତାଙ୍କ ପାଇଁ କ'ଣ ସବୁ କିଣିଦେଲେ ?
- ଜଳଖିଆ ଦୋକାନରୁ ସେମାନେ କ'ଣ ସବୁ ଖାଇଲେ ?
- ସେମାନେ କେମିତି ଘରକୁ ଫେରିଲେ ?

**ମୁଖ୍ୟ ଶବ୍ଦ**

କୁନି, ମୁନା, ଯାତ୍ରା, ରେଳଗାଡ଼ି, ଚକ୍ରୀଦୋଳି, ମାମୁ



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

## କାର୍ଯ୍ୟଫର୍ଦ୍ଦ-୪

ଦିନାଙ୍କ ___________

ଆସ, ଚିତ୍ର ଦେଖିବା । ଫଳ ଦୋକାନରେ ଥିବା ଫଳଗୁଡ଼ିକୁ ଚିହ୍ନିବା ଓ ତା'ର ନାମ କହିବା ।



ଆସ, ବାପାମାଆଙ୍କୁ ପଚାରି ଅଧିକ ଫଳର ନାମ ଜାଣିବା । ଆମେ ଖାଇଥିବା ବା ଦେଖିଥିବା ଫଳଗୁଡ଼ିକର ନାମ ମନେପକାଇବା, କହିବା ଓ ଲେଖିବା ।

**ଫଳ**

ଆତ, ଲିଚୁ, ସେଓ
ଆମ୍ବ, ପଣସ,
ସପୁରୀ, କଦଳୀ,
ସପେଟା,
ଜାମୁକୋଳି

ଆତ    ପଣସ

ଲିଚୁ    ସପୁରୀ

ସେଓ    କଦଳୀ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

## କାର୍ଯ୍ୟପତ୍ର-୫

ସପ୍ତାହ-୮

### ଆସ, ମେଳାର ଚିତ୍ର ଦେଖିବା, ଚିହ୍ନିବା ଓ କହିବା

ମେଳା




ଉପର ଚିତ୍ରଟି ଗୋଟିଏ ମେଳାର ଚିତ୍ର । ଆମେ ମେଳାକୁ ଗଲେ କ'ଣ ସବୁ ଦେଖିବା, ଆସ ବାପାମାଆଙ୍କ ସହ କଥାବାର୍ତ୍ତା ହେବା । ତଳ ଲେଖାକୁ ଦେଖି ଲେଖିବା ।

ମେଳା ମେଳା ବେଲୁନ୍ ବେଲୁନ୍

ଖେଳ ଖେଳ ଦୋକାନ ଦୋକାନ

ଲୋକ ଲୋକ ମନ୍ଦିର ମନ୍ଦିର

ତୁମେ ବୁଲି ଯାଇଥିବା ମେଳାରେ କ'ଣ ଦେଖିଲ, କ'ଣ ଖାଇଲ, କ'ଣ କିଣିଲ'- ବିଷୟରେ ଆସ ବାପାମାଆଙ୍କୁ କହିବା ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

# କାର୍ଯ୍ୟପର୍ଦ୍ଧ-୬

ଦିନାଙ୍କ ____________

## ଆସ, ଚିତ୍ର ଦେଖିବା, ଚିହ୍ନିବା ଓ କହିବା




ଉପର ଚିତ୍ରରେ 'କିଏ କ'ଣ କରୁଛି'- ଆସ, ବାପାମାଆଙ୍କ ସହ କଥା ହେବା ଓ କହିବା। ଚିତ୍ରରେ ଦେଖୁଥିବା ଜିନିଷର ନାମ ତଳେ ଲେଖିବା।

ବଲ୍

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଟୁନାଟୁନି ଓ ବାଘମାମୁ

ବଣ ପାଖରେ ଟୁନାଟୁନିଙ୍କ ଘର । ଦିନେ ସେମାନେ ପିଠା ଖାଇବାକୁ ମନ କଲେ । ଟୁନା ଚାଉଳ ଆଣିଲା । ଟୁନି ବିରି ଆଣିଲା । ଚକୁଳି କରିବାକୁ ଗଲେ । ଦେଖିଲା ବେଳକୁ ଘରେ ଜାଳ ନାହିଁ । ଟୁନା ଜାଳ ଆଣିବାକୁ ବଣକୁ ଗଲା । ବଣରେ ବାଘମାମୁ କହିଲା- ''ମୋ ବଣରେ କିଏରେ ?''ଟୁନା କହିଲା-ମୁଁ ଟୁନା, ଜାଳ ନବାକୁ ଆସିଛି ! ବାଘମାମୁ ପୁଣି ପଚାରିଲା-''ଜାଳ କ'ଣ କରିବ ?'' ଟୁନା କହିଲା- ''ଆମେ ଚକୁଳି ପିଠା କରିବୁ ।'' ବାଘ କହିଲା- ''ମତେ ଦବ''? ଟୁନା କହିଲା-''ହଉ ସଞ୍ଜକୁ ଆସିବ ।'' ଟୁନାଟୁନି ପିଠା କଲେ । ଖାଉଖାଉ ସବୁତକ ପିଠା ଖାଇଦେଲେ । ଟୁନାଟୁନି ଡରିଗଲେ । ବାଘମାମୁଁ ଆସିବ । କ'ଣ ଖାଇବ ? ଟୁନି ଗୋବର, ଗୋଡ଼ି ଗୋଳେଇ ପିଠା କଲା । ବାହାର ଅଗଣାରେ ଆସନ ପକେଇଲା । ପିଠା ରଖିଲା । ରାଗ ଲଙ୍କା କେତେଟା ଚକଟି ପାଣି କରି ରଖିଲା । ଟୁନାଟୁନି କବାଟ କିଳି ଘରେ ଲୁଚି ବସିଲେ । ବାଘମାମୁ ଆସିଲା । ଟୁନାଟୁନାଙ୍କୁ ଡାକିଲା । କେହି ତା' ଡାକ ଶୁଣିଲେ ନାହିଁ । ବାଘମାମୁଁ ପିଠା ଖାଇଲା । ତା'ର ଦାନ୍ତ ରଟ୍ କରି ଭାଙ୍ଗିଗଲା । ଆଉ ଥରେ ପିଠା ଖାଇଲା । ଆଉ କେତେଟା ଦାନ୍ତ ଭାଙ୍ଗିଗଲା । ତାକୁ ଭାରି କାଟିଲା । ସେ ବିକଳରେ ପାଖରେ ଥିବା ପାଣି ପିଇଦେଲା । ରାଗ ପାଣିରେ ତା' ପାଟି ଆହୁରି ପୋଡ଼ିଲା । ସେ ଛାଟିପିଟି ହୋଇ ବଣକୁ ପଳାଇଲା । ଟୁନାଟୁନି ତାଳି ମାରି ନାଚିଲେ ।







### କକର ମିନାରେ କକର ମିନା

କକର ମିନାରେ କକର ମିନା  
କକର ମିନାରେ ଜଗ ଜୀବନ  
ମୋହରି ବୋଲ ଶୁଣ  
ବିଲରୁ ମାଛ ଚିଲ ଖାଇଲେଣି  
ଜାଲଟିଏ ବୁଣ ।  
ଜାଲଟିଏ ବୁଣୁ ବୁଣୁ  
ପାହିଗଲା ରାତି  
ବାବୁନି ମୋର କ'ଣ ଖାଇବ  
କୁହ ତା' ସାଙ୍ଗ ସାଥୀ ।  
କକର ମିନାରେ............... ।

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

सप्ताह-८

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ବୁଦ୍ଧିଆ ଛେଳି



ଗୋଟିଏ ଗାଁରେ ପଲେ ଛେଳି ଥାଆନ୍ତି । ସେମାନେ ପାଖ ବଣକୁ ଚରିବାକୁ ଯାଆନ୍ତି । ସଞ୍ଜବେଳକୁ ଫେରିଆସନ୍ତି । ଦିନେ ଗୋଟିଏ ଛେଳି ବଣରେ ରହିଗଲା । ଘରକୁ ବାଟ ପାଇଲା ନାହିଁ । ରାତି ହୋଇଗଲା । ଛେଳିକୁ ଡର ଲାଗିଲା । ସେ ଗୋଟିଏ ଉଇହୁଙ୍କା ଉପରେ ଚଢ଼ିଗଲା । ଏତିକିବେଳେ ବାଘଟିଏ ଆସିଲା । ଛେଳିକୁ ଦେଖି ଭାବିଲା-ଏଇଟା ଗୋଟାଏ ନୂଆ ଜୀବ । ବାଘ ପଚାରିଲା-ତୁ କିଏରେ ? ଛେଳି କହିଲା-ମୁଁ ଫାଗ । ମୁଁ ବାଘକୁ ମାରିଖାଏ । ବାଘ ଡରିଗଲା । ଖୁବ୍ ଜୋରରେ ଦଉଡ଼ିଲା । ବିଲୁଆ ବାଘକୁ ଅଟକାଇଲା । କହିଲା- ମାମୁ, ସେଇଟା ଛେଳିଟାଏ । ତୁମେ ତାକୁ ଡରୁଛ ? ଆସ ଦେଖିବ । ବାଘ ତଥାପି ଡରୁଥାଏ । ବିଲୁଆ ବାଘକୁ ସାହସ ଦେଲା । ଦୁଇଜଣ ଲାଞ୍ଜ ବାନ୍ଧି ହୁଙ୍କା ପାଖକୁ ଆସିଲେ । ଦୂରରୁ ଛେଳି ଦେଖିଲା ବାଘ ଓ ବିଲୁଆ ଆସୁଛନ୍ତି । ସେ ପାଟି କରି କହିଲା- ''ହଇରେ ବିଲୁଆ । ତତେ ପରା କହିଥିଲି-ମତେ ଭାରି ଭୋକ । ସାତଟା ବାଘ ଆଣିବୁ । ତୁ କ'ଣ ଗୋଟାଏ ବାଘ ଆଣିଛୁ ? ହଉ ଆଣ । ମୁଁ ସେଇ ଗୋଟାକ ଆଗ ଜଳଖିଆ କରିଦିଏ ।'' ଛେଳି କଥା ଶୁଣି ବାଘ ଜୋରରେ ଦଉଡ଼ିଲା । ବିଲୁଆର ତ ଲାଞ୍ଜ ବନ୍ଧା ହୋଇଛି । ସେ ଘୋଷାଡ଼ି ହୋଇ ଖଣ୍ଡିଆଖାବରା ହୋଇଗଲା । ସକାଳ ହେଲା । ବୁଦ୍ଧିଆ ଛେଳି ମନଖୁସିରେ ଘରକୁ ଗଲା ।







### ମେଘ ବରଷିଲା ଟୁପୁରୁ ଟୁପୁରୁ

ମେଘ ବରଷିଲା ଟୁପୁରୁ ଟୁପୁରୁ
କେଶୁରା ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ ରାଜା
ତେଲିଙ୍ଗି ବାଇଦ ବଜା ।
ମେଘ ବରିଷିଲା ଟୁପୁରୁ ଟୁପୁରୁ
କେଶୁର ମାଇଲା ଗଜା
ଖୋରଧା ଗଡ଼ରେ ଟମକ ଶୁଭୁଛି
ଫେରି ଆସିଲେ ମୋ ରାଜା ।
ମେଘ ବରଷିଲା................ ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

सप्ताह-८

ଦିନାଙ୍କ ___________

ଆସ, ପନିପରିବା ଚିତ୍ରରେ ରଙ୍ଗ ଦେବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

୧. ଆସ, ସମାନ ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

| | | | | |
|---|---|---|---|---|
| ଚ | ମ | ର | ଟ | ଚ |

ଚ      ଟ

| | | | | |
|---|---|---|---|---|
| ଟ | ର | ମ | ଚ | ଟ |

୨. ଆସ, ମଝି ଅକ୍ଷର ସହ ଶବ୍ଦରେ ଥିବା ସମାନ ଅକ୍ଷରକୁ ଯୋଡ଼ିବା ।

| | | |
|---|---|---|
| ଚକ୍କି | | ଟମାଟୋ |
| | ଚ | |
| ଟଗର | | କାଚ |
| ଚଦର | | ଓଟ |
| ଜଟ | ଟ | ରଚନା |
| କଟକ | | ତଟକା |

୩. ଆସ, ଚ ଅକ୍ଷର ପାଖରେ ଲାଲ ରଙ୍ଗ ଓ ଟ ଅକ୍ଷର ପାଖରେ ନୀଳ ରଙ୍ଗ ଦେବା ।

| | | | |
|---|---|---|---|
| ଚ | ☐ | ମ | ☐ |
| ମ | ☐ | ଟ | ☐ |
| ର | ☐ | ଚ | ☐ |
| ଟ | ☐ | ର | ☐ |
| ଚ | ☐ | ଟ | ☐ |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ      ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'ମ' ଅକ୍ଷର ଧ୍ୱନି ଚିହ୍ନିବା ।



ମଗର ମଗର ମଗର
ମଟର ମଟର ମଟର
ମଗର ଚଟପଟ
ମଟର ମଟମଟ ।

ମ

## ୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ମାଆ



ମହଲ



ମଟର



ମଗର

## ୨. ଆସ, 'ମ' ଚାରି ପଟେ ଗୋଲ ◯ କରିବା ।

ଚ ମ ର ମ ଟ ମ

## ୩. ଆସ, ଲେଖିବା ।

ମ (୧ ୨ ୩ ୪)

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'ର' ଅକ୍ଷର ଧ୍ୱନି ଚିହ୍ନିବା ।



ରଟ ରଟ ମରମ
ଟର ଟର ଟରମ
ରବର ଚରଚର
ଗରବ ଗରଗର ।

ର

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ରଥ



ରସି



ରବର




ରସୁଣ

୨. ଆସ,'ର'ଚାରି ପଟେ ଗୋଲ◯ କରିବା ।

ମ ର ଟ ର ଚ ର

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ଗୀତ ଗାଇବା ଓ 'ଗ' ଅକ୍ଷର ଧ୍ୱନି ଚିହ୍ନିବା ।




ଗଧର ଚର
ବଗର ପର
ଗଛର ଗର
ଟଗର ଧର ।

ଗ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ଗଛ



ଗଧ



ଗରା




ଗୟଳ

୨. ଆସ,'ଗ'ଚାରି ପଟେ ଗୋଲ ◯ କରିବା ।

ର ଗ ଟ ଗ ପ ଗ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'ଝ' ଅକ୍ଷର ଧ୍ୱନି ଚିହ୍ନିବା ।



ଝରଝର ଝର
ଝଣଝଣ କର
ଝକଝକ ଟଗର
ଝଲମଲ ମଟର ।

ଝ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ଝରକା



ଝରଣା



ଝାଡୁ




ଝରିପୋକ

୨. ଆସ, 'ଝ' ଚାରି ପଟେ ଗୋଲ ◯ କରିବା ।

ଟ (ଝ) ର ଝ ମ ଝ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

୧. ଆସ, ପଢ଼ିବା ।

| | | | | | |
|---|---|---|---|---|---|
| ଝ | ମ | ଗ | ର | ଝ | ର |
| ମ | ଗ | ମ | ଝ | ର | ଗ |

୨. ଆସ, ମଝିରେ ଥିବା ଅକ୍ଷର ସହ ଶବ୍ଦରେ ଥିବା ସମାନ ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

| | | |
|---|---|---|
| ଝଗଡ଼ା | ମ | ଗଦା |
| ରଜନୀ | ଗ | ବୋଝ |
| ଗଡ୍ଡୁ | ଝ | ବରଫ |
| ମନ | ର | ଅମଳ |

୩. ଆସ, ପଢ଼ିବା ।

| | | | |
|---|---|---|---|
| ଝର | ମଗ | ଗରମ | ଝରଝର |
| ଗର | ରଗ | ମଗର | ଗରଗର |

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'କ' ଅକ୍ଷର ଧ୍ୱନି ଚିହ୍ନିବା ।



କରତ କରତ କରତ
ରକତ ରକତ ରକତ
କର କର କରମ
ଚକଚକ ମରମ ।

କ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



କରତ



କଲରା




କଟୁରୀ




କଇଁଛ

୨. ଆସ,'କ' ଲେଖାଥିବା ଗୁଡ଼ିଗୁଡ଼ିକରେ ରଙ୍ଗ ଦେବା ।




୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ଗୀତ ଗାଇବା ଓ 'ପ' ଅକ୍ଷର ଧ୍ୱନି ଚିହ୍ନିବା।



ପତର ପତର ପତର
ଟପର ଟପର ଟପର
ପତର ଚଟପଟ
ଗରମ ପଟପଟ।

ପ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା।



ପଣସ



ପଇଡ଼




ପର




ପଥର

୨. ଆସ, ବେଲୁନ୍ ଭିତରୁ 'ପ'ଖୋଜି ତା' ଚାରି ପଟେ ଗୋଲ ◯ କରିବା।




୩. ଆସ, ଲେଖିବା।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'ନ' ଅକ୍ଷର ଧ୍ୱନି ଚିହ୍ନିବା ।



ନକ ନକ ନଳ
କନ କନ କଳ
କନକ ଝନଝନ
ଟମକ ଟନଟନ ।

ନ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ନଖ



ନଳ



ନଈ




ନଡ଼ିଆ

୨. ଆସ,'ନ' ଲେଖା ଥିବା ଘର ତଳେ ରଙ୍ଗ ଦେବା ।

ମ ନ ପ ନ ଗ ନ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ଗୀତ ଗାଇବା ଓ 'ଲ' ଅକ୍ଷର ଧ୍ୱନି ଚିହ୍ନିବା ।



ଲପଟ ଲପଟ ଲପଟ
ପଲଟ ପଲଟ ପଲଟ
ମିଠା ମିଠା ଲଡୁ
ଗୋଲ ଗୋଲ ଖଡୁ ।



୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।




| | | | |
|---|---|---|---|
| ଲଡୁ | ଲଙ୍କା | ଲଫାପା | ଲଙ୍କାଆମ୍ବ |

୨. ଆସ, 'ଲ'ଚାରି ପଟେ ଗୋଲ ◯ କରିବା ।

ଲ   କ   ଳ   ଲ   ବ   ନ   ଲ

୩. ଆସ, ଲେଖିବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

## ଆସ, ଗୀତ ଗାଇବା ଓ 'ଳ' ଅକ୍ଷର ଧ୍ୱନି ଚିହ୍ନିବା ।



ନଳ ନଳ ନଳ
କଳ କଳ କଳ
ଚଳଚଳ ଜଳ
ଟଳଟଳ ବଳ ।

ଳ


୧. ଆସ, ଚିତ୍ରର ନାମ କହିବା ଓ ତାହାର ଶେଷ ଧ୍ୱନିକୁ ଚିହ୍ନିବା ।



ଫଳ



ନଳ



ନେଉଳ




ଗୟଳ

୨. ଆସ, 'ଳ' ଚାରି ପଟେ ଗୋଲ ◯ କରିବା ।

ଳ ଝ ଳ ଲ ମ ଳ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ଗୀତ ଗାଇବା ଓ 'ବ' ଅକ୍ଷର ଧ୍ୱନି ଚିହ୍ନିବା ।



ବଟର ବଟର ବଟର
ଟବର ଟବର ଟବର
ବଗ ଖବର
ବଡ଼ ଜବର ।

ବ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ବହି



ବଲ୍



ବତକ




ବନ୍ଧୁକ

୨. ଆସ, 'ବ' ଚାରି ପଟେ ଗୋଲ ◯ କରିବା ।

କ (ବ) ର ବ ଚ ବ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଅଭ୍ୟାସ କାର୍ଯ୍ୟ

ଆସ, ଗୀତ ଗାଇବା ଓ 'ଠ' ଅକ୍ଷର ଧ୍ୱନି ଚିହ୍ନିବା ।



କଠଉ କଠଉ କଠଉ
ପଠଉ ପଠଉ ପଠଉ
ଠକଠକ କଠଉ
ଠପଠପ ପଠଉ ।

ଠ

୧. ଆସ, ଚିତ୍ରର ନାମ କହିବା ଓ 'ଠ'ର ଧ୍ୱନିକୁ ଚିହ୍ନିବା ।



କଠଉ



ଓଠ



କାଠ




କାଠହଣା

୨. ଆସ,'ଠ'ଚାରି ପଟେ ଗୋଲ ◯ କରିବା ।

ର ଠ ଚ ଠ ପ ଠ

୩. ଆସ, ଲେଖିବା ।





ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ


ଆସ, ଗୀତ ଗାଇବା ଓ 'ଆ' ଅକ୍ଷର ଧ୍ୱନି ଚିହ୍ନିବା ।




ଆଠ ଆତ
ଆନ କାତ
ଆଗର କଳ
ଆବର ବଳ ।

# ଆ

୧. ଆସ, ଚିତ୍ରର ନାମ କହିବା ଓ ତାହାର ପ୍ରଥମ ଧ୍ୱନିକୁ ଚିହ୍ନିବା ।



ଆତ



ଆଳୁ



ଆଖୁ




ଆମ୍ବ

୨. ଆସ,'ଆ'ଚାରି ପଟେ ଗୋଲ ◯ କରିବା ।

ଆ   କ   ଆ   ର   ଚ   ଆ

୩. ଆସ, ଲେଖିବା ।




ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ପଢ଼ିବା ।

ଝର
ଝଲ
ଝଟ
ଝମ

ଚଟ ଚର
ଚଲ ଚକ

ଆଗ ଆର
ଆଠ ଆଲ
ଆମ

ଝଲମଲ
କଟମଟ
ଝକମକ
କଲବଲ

କଲ କର
କମ ବକ

ରଚ ରଟ
ଗର ଗଲ

ମଲ
ମଠ
ମର
ଚମ

ବଲ
ବର
ବଗ
ବଟ

ଗରମ
ଗରଲ
ମରମ

ମଗର
ମଟର
ଟଗର

ଗରବ
ଚମର
ଟମକ

ଚରମ
କମର
ବରଗ

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅଭ୍ୟାସ କାର୍ଯ୍ୟ

ଆସ, ଲେଖିବା ।



ଧଳା ବକ




ଶଗଡ଼ ଚକ



ମଗର ବଳ



ଝଳମଳ ଟଗର




ଚକମକ ମଟର

ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

ଆସ, ଫଳ ଚିତ୍ରରେ ରଙ୍ଗ ଦେବା ।



ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଦୈନିକ ଯୋଜନା

ପ୍ରତିଦିନ ୧୦ - ୧୦.୪୫ ମିନିଟ୍ ପର୍ଯ୍ୟନ୍ତ ଭାଷା କାର୍ଯ୍ୟ କରାଯିବ । ଶିଖରରେ ୮ ସପ୍ତାହ ପାଇଁ କାର୍ଯ୍ୟ ଅଛି । ପ୍ରତି ସପ୍ତାହ ପାଇଁ ଏକ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଦିଆଯାଇଛି । ସେହି ପ୍ରସଙ୍ଗକୁ ନେଇ ପ୍ରତ୍ୟେକ ସପ୍ତାହରେ ଏକ ଅଭିନୟ ଗୀତ, ଗଳ୍ପକଥନ ପାଇଁ ଏକ ଗପ, ସାପ୍ତାହିକ, କଥୋପକଥନ ପାଇଁ ଶିକ୍ଷଣକାର୍ଯ୍ୟ ବିନ୍ଦୁ ଓ ୬ଟି କାର୍ଯ୍ୟପର୍ଦ୍ଦ ଦିଆଯାଇଛି । ଏହି ୪୫ ମିନିଟ୍‌ରେ ୪ ଖଣ୍ଡିୟ ରୂପରେଖ ଅନୁଯାୟୀ ମୌଖିକ କାର୍ଯ୍ୟ, ଅକ୍ଷର ବା ଶବ୍ଦ ସ୍ତରର କାର୍ଯ୍ୟ, ପଠନ ଓ ଲିଖନ କାର୍ଯ୍ୟ କରାଯିବ ।

| | |
|---|---|
| ମୌଖିକ କାର୍ଯ୍ୟ<br>ଅଭିନୟ ଗୀତ - (୧୦ମି.) | • ଅଭିନୟ ଗୀତକୁ ଅଭିଭାବକ ଅଙ୍ଗଭଙ୍ଗୀ ସହ ଆବୃତ୍ତି କରିବେ ଓ ପିଲା ତାକୁ ଅନୁସରଣ କରି ଆବୃତ୍ତି କରିବେ ।<br>• ପ୍ରଥମରୁ ତୃତୀୟ ଦିନ ପର୍ଯ୍ୟନ୍ତ ଅଭିନୟ ଗୀତ ଆବୃତ୍ତି କରାଯିବ ।<br>• ଦ୍ୱିତୀୟ ଦିନ ଅଭିନୟ ଗୀତ ସହିତ ଦିଆଯାଇଥିବା ସମତାନ ଶବ୍ଦ କୁହାଯିବ ଓ କବିତାରେ ଶବ୍ଦକୁ ଦେଖାଇ ଚିହ୍ନଟ କରାଯିବ । ପିଲାମାନେ ଚିହ୍ନିବେ ଓ କହିବେ ।<br>• ତୃତୀୟ ଦିନ ସମତାନ ଶବ୍ଦର ପ୍ରଥମ ଧ୍ୱନି ଚିହ୍ନଟ କରାଯିବ । ପିଲାମାନେ ଚିହ୍ନିବେ ଓ ସେହି ଧ୍ୱନିରେ ଆରମ୍ଭ ହେଉଥିବା ଅନ୍ୟ ଶବ୍ଦ କହିବେ (Phonological Awareness) |
| ସାପ୍ତାହିକ ଗତିବିଧି<br>(୧୦ମି.) | • ପ୍ରଥମ ଦିନ ଅଭିନୟ ଗୀତ ପରେ ଅଭିଭାବକ ଦିଆଯାଇଥିବା ସାପ୍ତାହିକ ଶିକ୍ଷଣକାର୍ଯ୍ୟ କରାଇବେ । (ଅଧିକା ସମୟ ଆବଶ୍ୟକ ଥିଲେ ଦ୍ୱିତୀୟ ଦିନ କାର୍ଯ୍ୟଟିକୁ ପୁନର୍ବାର କରାଇବେ)<br>• ଗତିବିଧି ପାଇଁ କାର୍ଯ୍ୟକଳାପ, ଖେଳ କିମ୍ବା ଅଭିନୟ ଗୀତ ଦିଆଯାଇଛି । |
| ଗଳ୍ପକଥନ (୧୫ମି.) ପଠନ<br>(ଅଭିଭାବକ ୨ / ୩ ଥର ଆଙ୍ଗୁଳି ରଖି ଗପଟିକୁ ପଢ଼ିଲା ପରେ ପିଲାମାନେ ଶବ୍ଦ ଚିହ୍ନି ବା ଅନୁମାନ କରି ପଢ଼ିବା ପାଇଁ ଚେଷ୍ଟା କରିବେ । | • ଚତୁର୍ଥ ଦିନ ଅଭିଭାବକ ପିଲାଙ୍କୁ ଗଳ୍ପକଥନରେ ଥିବା ଗପ ବିଷୟରେ ଅନୁମାନ କରିବାକୁ କହିବେ ।<br>• ତା' ପରେ ସ୍ୱରର ଉତ୍‌ଥାନପତନ ସହିତ ଗପଟି କହିବେ । ଦିଆଯାଇଥିବା ସରଳ ପ୍ରଶ୍ନ ପଚାରିବେ ।<br>• ପଞ୍ଚମ ଦିନ ଅଭିଭାବକ ପିଲାମାନଙ୍କୁ ଗପ ବିଷୟରେ କ'ଣ ମନେ ଅଛି ପଚାରିବେ । ନିଜେ ବୁଝିଥିବା ଭାଷାରେ ଗପଟିକୁ କହିବାକୁ କହିବେ । ତା' ପରେ ପୁଣି ଥରେ ଗପ ଶୁଣାଇବେ ଓ ପ୍ରଶ୍ନ ପଚାରିବେ ।<br>• ଷଷ୍ଠ ଦିନ ଅଭିଭାବକ ପିଲାଙ୍କ ସହିତ ଗପଟି କହିବେ ଓ ଆଲୋଚନା କରିବେ । ମୁଖ୍ୟ ଶବ୍ଦର ଅର୍ଥ କହିବେ ଓ ପଚାରିବେ । ପିଲାଙ୍କୁ ନିଜ ଭାଷାରେ ଗପଟି କହିବାକୁ କହିବେ ।<br>• ଅଭିଭାବକ ୨ ବା ୩ ଥର କହିବା ପରେ ଦ୍ୱିତୀୟ ଶ୍ରେଣୀର ପିଲାମାନେ ଗଳ୍ପଟିକୁ ନିଜେ ପଢ଼ିବାକୁ ଚେଷ୍ଟା କରିବେ । |
| କଥୋପକଥନ<br>(୧୦ମି.)<br>ମୌଖିକ | • ଷଷ୍ଠ ଦିନ କଥୋପକଥନ ପାଇଁ ଦିଆଯାଇଥିବା ବିନ୍ଦୁକୁ ନେଇ ଅଭିଭାବକ ପିଲାମାନଙ୍କ ସହ ଆଲୋଚନା କରିବେ । ମୌଖିକ ଅଭିବ୍ୟକ୍ତି ପାଇଁ ପିଲାଙ୍କୁ ଚର୍ଚ୍ଚା କରିବା ପାଇଁ ବା କହିବା ପାଇଁ ଉତ୍ସାହିତ କରିବେ । |
| ଗୀତ, ଗପ ମାଧ୍ୟମରେ ଅକ୍ଷର ସ୍ତର / ଶବ୍ଦ ସ୍ତର କାର୍ଯ୍ୟ<br>(୫ ମିନିଟ୍) | • ପିଲାମାନେ ଅଭିନୟ ଗୀତରୁ ସମତାନ ଶବ୍ଦ ଚିହ୍ନିବେ ଓ ନୂଆ ସମତାନ ଶବ୍ଦ କହିବେ ।<br>• ସମତାନ ଶବ୍ଦର ପ୍ରଥମ - ମଧ୍ୟମ - ଅନ୍ତିମ ଧ୍ୱନି ଚିହ୍ନି ନୂଆ ଶବ୍ଦ କହିବେ ।<br>• ଗଳ୍ପକଥନର ଗପରେ ଥିବା ମୁଖ୍ୟ ଶବ୍ଦର ଅର୍ଥ ଜାଣିବେ ଓ କହିବେ । |
| ଲିଖନ<br>(୧୫ ରୁ ୨୦ ମିନିଟ୍) | • ପିଲାମାନେ କାର୍ଯ୍ୟପୁସ୍ତିକାରେ ଦିଆ ଯାଇଥିବା କାର୍ଯ୍ୟପର୍ଦ୍ଦରେ ଲିଖନ କାର୍ଯ୍ୟ କରିବେ ।<br>• ପ୍ରଥମ ଶ୍ରେଣୀରେ - ପ୍ରାକ୍ ଲିଖନ, ପ୍ରାରମ୍ଭିକ ଲିଖନ (Emergent writing) ଓ ଅକ୍ଷର ସଙ୍କେତ ଲିଖନ ଉପରେ କାର୍ଯ୍ୟ କରିବେ ।<br>• ଦ୍ୱିତୀୟ ଶ୍ରେଣୀରେ - ଚିତ୍ରାଙ୍କନ, ରଙ୍ଗ କରିବା, ଅକ୍ଷର ସ୍ତର, ଶବ୍ଦ ସ୍ତର ଓ ଛୋଟ ବାକ୍ୟ ବା ବାକ୍ୟାଂଶ ଦେଖି ଦେଖି ଲେଖିବେ । |

## ଶିକ୍ଷଣ ଫଳାଫଳ

| ୪ ଖଣ୍ଡିଆ ରୂପରେଖ | ଗତିବିଧି | ପ୍ରତ୍ୟାଶିତ ଫଳାଫଳ ଶ୍ରେଣୀ ୧ | ପ୍ରତ୍ୟାଶିତ ଫଳାଫଳ ଶ୍ରେଣୀ ୨ |
|---|---|---|---|
| ମୌଖିକ ଭାଷାର ବିକାଶ | କଥୋପକଥନ | OD୧୦୧,୧୦୨ | OD୨୦୪,OD୨୦୧, OD୨୧୫, OD୨୦୪ |
| | ଚିତ୍ର ବର୍ଣ୍ଣନା | OD୧୦୫,OD୧୦୬ | OD୨୦୮,OD୨୦୯ |
| | ଅଭିନୟ ଗୀତ | OD୧୦୩ | OD୨୦୨,OD୨୦୩,OD୨୦୬ |
| | ସାପ୍ତାହିକ ଗତିବିଧି | OD୧୦୧,୧୦୨,୧୦୩ | OD୨୦୪,OD୨୧୫ |
| ପଠନ | ପ୍ରିଣ୍ଟ୍ ର ଅବଧାରଣା | OD୧୦୪,OD୧୦୯, OD୧୧୦ | OD୨୦୪,OD୨୧୦, OD୨୧୧ |
| | ଇମରଜେଣ୍ଟ ରିଡିଂଗ୍<br>ଲୋଗୋଗ୍ରାଫିକ୍ ରିଡିଂଗ୍ | OD୧୦୮,OD୧୦୯, OD୧୧୦ | OD୨୦୭,OD୨୦୩, OD୨୧୦ |
| | ଅଭିଭାବକ/ ଶିକ୍ଷକଙ୍କଦ୍ୱାରା ଗଳ୍ପକଥନ ଓ ଗପ ପଢ଼ି ଶୁଣେଇବା | OD୧୦୨ | OD୨୦୨,OD୨୦୭, OD୨୦୬, OD୨୦୩, OD୨୧୫ |
| ଶବ୍ଦ ପଠନ/ ଡିକୋଡିଂ | ସମତାନ ଶବ୍ଦ ଚିହ୍ନିବା ଓ ଶବ୍ଦର ପ୍ରଥମ ଧ୍ୱନି ଚିହ୍ନିବା | OD୧୦୩ | OD୨୦୫ |
| | ଅକ୍ଷର ଚିହ୍ନିବା | OD୧୦୭, OD୧୧୦, OD୧୧୧ | OD୨୧୧ |
| ଲିଖନ | ପ୍ରାକ୍ ଲିଖନ ଓ ପ୍ରାରମ୍ଭିକ ଲିଖନ | OD୧୧୨, OD୧୧୩ | OD୨୧୪ |
| | ଅକ୍ଷର ଲିଖନ | OD୧୧୧ | OD୨୧୪ |
| | ଶବ୍ଦ ଲିଖନ, ପ୍ରଚଳିତ ଲିଖନ (Inventive spelling, Conventional writing) | --- | OD୨୧୪, ୨୧୫, ୨୧୬ |
| | ଚିତ୍ର ଦେଖି ଛୋଟ ବାକ୍ୟାଂଶ ଲିଖନ (ଅଭିବ୍ୟକ୍ତି) | --- | OD୨୧୫, OD୨୧୬ |

ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ବା ଆଦ୍ୟ ଶୈଶବ ସ୍ତରରେ ବିଦ୍ୟାଳୟ ପ୍ରସ୍ତୁତି ପାଇଁ କରାଯାଇଥିବା କାର୍ଯ୍ୟ ସହିତ ପ୍ରଥମ ଶ୍ରେଣୀର ପ୍ରବେଶ ସ୍ତର କାର୍ଯ୍ୟ ମଧ୍ୟରେ ନିରନ୍ତରତା ରକ୍ଷିବା ପାଇଁ ଓଡ଼ିଶା ସରକାରଙ୍କଦ୍ୱାରା, UNICEF ସହଯୋଗରେ ନିର୍ମିତ WCDର ନୂଆ ଅରୁଣିମା ପୁସ୍ତିକାର କେତେକ ପ୍ରତ୍ୟୟ, ଗପ ଓ ଅଭିନୟ ଗୀତକୁ ଶିଖର କାର୍ଯ୍ୟକ୍ରମରେ ଯୋଡ଼ି ଦିଆଯାଇଛି। ସେହିପରି ୫-୬ ବର୍ଷର ପିଲାମାନଙ୍କୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀରେ / ପ୍ରଥମ କରି ବିଦ୍ୟାଳୟରେ ପ୍ରବେଶ କରୁଥିବା ପିଲାଙ୍କ ପାଇଁ OSEPA, TE & SCERT ଦ୍ୱାରା ଓ UNICEF ର ସହଯୋଗରେ ନିର୍ମିତ 'ଆରମ୍ଭ' କାର୍ଯ୍ୟକ୍ରମର ଶିକ୍ଷକ ସାଥୀ ପୁସ୍ତିକାରୁ ମଧ୍ୟ କିଛି ଗପ ଓ କବିତାକୁ ଶିଖର କାର୍ଯ୍ୟକ୍ରମରେ ସ୍ଥାନିତ କରାଯାଇଛି। ଏତଦ୍‌ଭିନ୍ନ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ୟୁଟ୍ୟୁବ୍ (YOUTUBE) ରେ ପିଲାମାନଙ୍କ ନିମନ୍ତେ ଥିବା କିଛି ଗୀତ, ଗପ Video ଓ ଷ୍ଟୋରୀୱିଭର (STORYWEAVER) ରେ ଥିବା ଗଳ୍ପ ମଧ୍ୟ ସ୍ଥାନ ପାଇଛି।

OSEPA ଓ LLF ଏଥିପାଇଁ Department of WCD, UNICEF, TE&SCERT, STORYWEAVER ଓ YOUTUBE ପାଖରେ କୃତଜ୍ଞତା ପ୍ରକାଶ କରୁଛନ୍ତି। ଧନ୍ୟବାଦ।

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର